Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 19✦ Issue No:239✦3 January 2024 (Wednesday) ✦ Rourkela ✦ Rs.2.00 ✦ Page -6 ✦୧୯ ବର୍ଷ ✦ସଂଖ୍ୟା :୨୩୯✦୩ ଜାନୁଆରୀ ୨୦୨୪ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

କେଉଁଠୁ ଲଢିବେ ଧର୍ମେନ୍ଦ୍ର-ସମ୍ବଲପୁର ବା ଢେଙ୍କାନାଳ

ସଂସଦୀୟ କ୍ଷେତ୍ରରୁ ଲଢ଼ିବା ନେଇ ଦଳକୁ ଅବଗତ କରିଥିବା ସୂଚନା

ଭୁବନେଶ୍ୱର, ୨/୧ (ନି/ପ୍ର):ମନ୍ତ୍ରୀ ଶ୍ରୀ ପ୍ରଧାନ ଅପରାହ୍ଣରେ ବାଗଡ଼ିଆ ଠାରେ ରାଜ୍ୟସ୍ତରୀୟ କ୍ରିକେଟ ଖେଳର ଉଦଯାପନୀ ଉତ୍ସବରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ଥିଲେ ହେଁ ପୂର୍ବାହ୍ଣରେ ମନ୍ତ୍ରୀ ଶ୍ରୀ ପ୍ରଧାନ କ୍ଷେତ୍ରିପତା ବିଜେପି କାର୍ଯ୍ୟାଳୟରେ ପହଁଚି ପ୍ରଥମେ କ୍ଷେତ୍ରିପତା ବ୍ଲକର କର୍ମଜୀବୀ ସାମ୍ବାଦିକ ଙ୍କସର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ ।

ଆଲୋଚନା କାଳରେ ସମ୍ବଲପୁର ବା ଢେଙ୍କାନାଳ ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ିବା ପାଇଁ ଦଳକୁ ଅବଗତ କରିଥିବା ସୂଚନା ଦେଇଥିଲେ । ତେବେ ଦଳ ଯାହା ନିଷ୍ପତ୍ତି ନେବ, ସେ ତାହା ମାନିବେ ବୋଲି ବର୍ଣ୍ଣାଇଥିଲେ । ଏପରିକି ରାଜ୍ୟସ୍ତରୀୟ କ୍ରିକେଟ ସଭାରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ନିର୍ବାଚନ ଲଢ଼ିବା ସମ୍ଭାବନା ରହିଛି ବୋଲି ସେଠାରେ ପ୍ରକାଶ କରିଥିଲେ । ଯାହାକୁ ନେଇ ବଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ପରେ କ୍ଷେତ୍ରିପତା ଜଜବିଦ୍ୟାଳୟରେ ଚଳିତ ମାସରେ ହେବାକୁ ଥିବା ପ୍ଲାଟିନମ ଜୁବୁଲି କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏଥିରେ ରାଜ୍ୟପାଳଙ୍କ ଯୋଗଦାନ ପାଇଁ ଚେଷ୍ଟା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ । ଜୁବୁଲି କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ନେତୃତ୍ୱରେ ସମ୍ପାଦକ ରାଜକିଶୋର ସାହୁ,ଗଣେଶ୍ୱର ପ୍ରଧାନ,ପ୍ରମୋଦ କୁମାର ଦେହୁରୀ, ବଣ୍ଟୁଧର ଦେହୁରୀ,କୋଷାଧ୍ୟକ୍ଷ ଗୋବିନ୍ଦ ପ୍ରଧାନଙ୍କ ସମେତ ରବୀନ୍ଦ୍ର ସେଠୀ,ସତ୍ୟବାଦୀ ପ୍ରଧାନ ପ୍ରମୁଖ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ ।

ପଶ୍ଚିମ ଓଡ଼ିଶାରେ ଆବଶ୍ୟକ ନାହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ

ଭୁବନେଶ୍ୱର, ୨/୧ (ନି/ପ୍ର): 'ଇ-କୋର୍ଟ ବ୍ୟବସ୍ଥା ହାଇକୋର୍ଟ ବେଞ୍ଚ ସହ ସମାନ । ଇ- କୋର୍ଟ ବ୍ୟବସ୍ଥାରେ ଓଡ଼ିଶା ଆଗରେ ଅଛି । ତେଣୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନାହିଁ' ବୋଲି କହିଛନ୍ତି କେନ୍ଦ୍ର ଆଇନ୍ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ । ଓଡ଼ିଶା ଗସ୍ତରେ ଆସିଥିବା ବେଳେ କେନ୍ଦ୍ର ଆଇନ୍ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ ଯେ ଇ-କୋର୍ଟ ବ୍ୟବସ୍ଥା ଆରମ୍ଭ ହେବାରୁ ଭର୍ଚୁଆଲ ମାଧ୍ୟମରେ ସବୁ ସୁବିଧା ଉପଲବ୍ଧ ହେଉଛି । ଅପରପକ୍ଷେ କେନ୍ଦ୍ର ଆଇନ୍ ରାଷ୍ଟ୍ରମନ୍ତ୍ରୀଙ୍କ ବୟାନକୁ ନେଇ ବିଜେଡ଼ି ଉପ ସଭାପତି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ପଶ୍ଚିମ ଓଡ଼ିଶାବାସୀ ଦାବି କରିଆସୁଛନ୍ତି । ଏନେଇ ବିଭିନ୍ନ ସମୟରେ ଆନ୍ଦୋଳନ ମଧ୍ୟ ହୋଇଛି । ତେଣୁ କେନ୍ଦ୍ରରୁ ପଶ୍ଚିମ ଓଡ଼ିଶାବାସୀଙ୍କ ଦାବି ପୂରା କରିବା ଦିଗରେ ଗୁରୁତ୍ୱାରୋପ କରିବା ଉଚିତ ।

ନୂଆ ହିଟ୍ ଆଣ୍ଡ ରନ୍ ଆଇନର ବିରୋଧ

ନୂଆଦିଲ୍ଲୀ , ୨/୧ : ଦେଶରେ ବିଭିନ୍ନ ସ୍ଥାନରେ ଟ୍ରକ ଧର୍ମଘଟ ହୋଇଛି । ନୂଆ ହିଟ୍ ଆଣ୍ଡ ରନ୍ ଆଇନର ଟ୍ରକ ଓ ଡମ୍ପର ଚାଳକ ବିରୋଧ କରିଛନ୍ତି । ନୂଆ ଆଇନ ଅନୁଯାୟୀ, ଏବେ ଟ୍ରକ ଏବଂ ବସ୍ ଚାହକୁ ଧକ୍କା ଦେଇ ଫେରାର ହେଲେ ଚାଳକଙ୍କୁ ୧୦ ବର୍ଷ ଜେଲ୍ ଏବଂ ୭ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ପଡିବ । ଜନତାପ୍ରବେଶ ସମେତ ସମସ୍ତ ଦେଶରେ କେନ୍ଦ୍ର ସରକାରଙ୍କ ନୂତନ ହିଟ୍ ଆଣ୍ଡ ରନ୍ ଆଇନକୁ ତୀବ୍ର ବିରୋଧ କରାଯାଇଛି । ଏହି ନିୟମକୁ ବିରୋଧ କରିବାକୁ ଅନେକ ସଂଗଠନ ରାସ୍ତାକୁ ଓହ୍ଲାଇଛନ୍ତି । ଏହି ଆଇନକୁ ବିରୋଧ କରି ସାରା ଦେଶରେ ଟ୍ରକ ଓ ଡମ୍ପର ଚାଳକ ଚକା ଜାମ୍ କରିଛନ୍ତି । ଏହି ଆଇନକୁ ଫେରାଇ ନେବା ପାଇଁ ଦାବି କରିବା ସହ ମୁମ୍ବାଇ, ଇନ୍ଦୋର ଠାରୁ ଆରମ୍ଭ କରି ଦିଲ୍ଲୀ, ହରିୟାଣା, ଜନତାପ୍ରବେଶ ସମେତ ଅନେକ ସ୍ଥାନରେ ଚାଳକ ମାନେ ଟ୍ରକକୁ ରାସ୍ତା ଉପରେ ରଖି ବିକ୍ଷୋଭ କରିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ୩ ନୂଆ ଅପରାଧ ଆଇନ ମଧ୍ୟରେ ଟ୍ରକ କିମ୍ବା ଡମ୍ପର ଚାଳକ ଦୁର୍ଘଟଣା ଘଟାଇ ଫେରାର ହେଲେ ୧୦ ବର୍ଷ ଜେଲ ଦଣ୍ଡ, ୭ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ରହିଛି । ପୂର୍ବରୁ ଥିବା ଆଇନ ଅନୁଯାୟୀ, ହିଟ୍ ଆଣ୍ଡ ରନ୍ ମାମଲାରେ ଫସିଥିବା ଚାଳକ ଖୁବ ଜଲ୍ ଦିନରେ ଜାମିନ୍ ମିଳିଯାଉଥିଲା । ଜେଲ୍ ଦଣ୍ଡ ମଧ୍ୟ ୨ ବର୍ଷ ପାଇଁ ବ୍ୟବସ୍ଥା ଥିଲା ।

ଆଇସିୟୁରେ ମନଇଚ୍ଛା ଆଡମିଶନ୍ ଉପରେ ଲାଗିବ ରୋକ୍

ଭୁବନେଶ୍ୱର, ୨/୧ (ନି/ପ୍ର): ଏଣିକି ଆଇସିୟୁରେ ମନଇଚ୍ଛା ଆଡମିଶନ୍ ଉପରେ ଲାଗିବ ରୋକ୍ । କେବଳ ଗୁରୁତର ରୋଗୀଙ୍କୁ ଆଡମିଶନ୍ କରାଯିବ ଏବଂ ଆସିୟୁରେ ଚିକିତ୍ସାଧୀନ ରୋଗୀଙ୍କୁ ଡିସଚାର୍ଜ କରିବା ସମୟରେ ଧାର୍ଯ୍ୟ ନିୟମର ପାଳନ କରିବା ଜରୁରୀ ହେବା ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଉକ୍ତ ମାର୍ଗଦର୍ଶିକା ଅନୁଯାୟୀ ଆଇସିୟୁରେ ଆଡମିଶନ୍ କରିବା ପୂର୍ବରୁ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କିତ ସମସ୍ତ ବିବରଣୀ ରେକର୍ଡ଼ କରାଯିବ । କେଉଁ ପରିସ୍ଥିତିରେ ରୋଗୀ ଜଣଙ୍କୁ ଆଇସିୟୁରେ ଆଡମିଶନ୍ କରାଗଲା, ତାହାର କାରଣ ସମ୍ପୃକ୍ତ ଡ଼ାକ୍ତର ଲେଖିବେ । ଡ଼ାକ୍ତରଙ୍କ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ଅଟେ । ତେବେ ଏହି ମାର୍ଗଦର୍ଶିକା ଆଇସିୟୁ ଶଯ୍ୟା ଅଭାବ ଦୂର କରିବାରେ ସହାୟକ ହେବ ବୋଲି କୁହାଯାଇଛି । ଅପରପକ୍ଷେ ମନଇଚ୍ଛା ଆଇସିୟୁରେ ଆଡମିଶନ୍ କରି ଅନେକ ଘରୋଇ ଡ଼ାକ୍ତରଖାନା ଅର୍ଥ ଶୋଷଣ କରୁଥିବା ଅଭିଯୋଗ ମଧ୍ୟ ହୋଇଛି । ଡ଼ିଜିକାଲ ମେଡ଼ିସିନର ୨୪ ଜଣ ଅଭିଜ୍ଞ ଡ଼ାକ୍ତରଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଏହି ମାର୍ଗଦର୍ଶିକା ଓଡ଼ିଶାରେ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ପୂର୍ବରୁ ବିଭିନ୍ନ ଦେଶରେ ଆଇସିୟୁ ଚିକିତ୍ସା ପାଇଁ ମାର୍ଗଦର୍ଶିକା ରହିଥିବା ବେଳେ ପ୍ରଥମଥର ପାଇଁ ଭାରତରେ ଏପରି ନିୟମ ଲାଗୁ କରାଯିବ ।

ଆତଙ୍କବାଦୀଙ୍କ ଗୁଳିରେ ୪ ପୁଲିସ୍ କମାଣ୍ଡୋ

୧ ବିଏସ୍ଏଫ୍ ଜବାନ ଆହତ

ମଣିପୁର, ୨/୧: ମଙ୍ଗଳବାର ମଣିପୁରର ମୋରେହ ସହରରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪ ଜଣ ପୁଲିସ କମାଣ୍ଡୋ ଏବଂ ଜଣେ ସୀମା ସୁରକ୍ଷା ବଳ (ବିଏସଏଫ) ଯବାନ ଆହତ ହୋଇଛନ୍ତି । ?ଥେ ?ବାଲ ଜିଲ୍ଲାର ଲିଲୋଙ୍ଗ ଅଞ୍ଚଳରେ ଅଜଣା ସଶସ୍ତ୍ରଧ ?ାରୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଘର୍ଷ ଉପୁଜି ୪ ଜଣ ନାଗରିକଙ୍କୁ ଗୁଳି କରି ହତ୍ୟା କରାଯିବାର ଗୋଟାଏ ଦିନ ପରେ ଏପରି ଘଟଣା ଘଟିଥିବା ସୂଚନା ରହିଛି ।ମିଆଁମାର ସୀମା ନିକଟସ୍ଥ ମୋରେହ ଅଭିମୁଖେ ଯାଉଥିବା ବେଳେ ବନ୍ଧୁକଧାରୀମାନେ ପୁଲିସ କମାଣ୍ଡୋ ନେଇ ଯାଉଥିବା ଗାଡ଼ିଗୁଡ଼ିକୁ ଟାର୍ଗେଟ କରିଥିଲେ । ସୂଚନା ନୁସାରେ, ସୁରକ୍ଷାକର୍ମୀମାନେ ସର୍ଚ୍ଚଅପରେସନ କରୁଥିବା ବେଳେ ବନ୍ଧୁକଧାରୀମାନେ ରାଜ୍ୟ କମାଣ୍ଡୋଙ୍କ ଆରପିଜି ଉପରେ ଗୁଳି ଚଳାଇଥିଲେ । ଆହତ ସୁରକ୍ଷା ଅଧିକାରୀଙ୍କୁ ଆସାମ ରାଇଫଲ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ନିକଟରେ ମଣିପୁର ହିଂସାରେ ୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ରାଜ୍ୟ ସରକାର ଥେବାଲ ଏବଂ ଲଙ୍ଗାଲ ପଶ୍ଚିମ ଜିଲ୍ଲାଗୁଡ଼ିକରେ ପୁନର୍ବାର କର୍ଫ୍ୟୁ ଲାଗୁ କରିବାକୁ କହିଥିଲେ । ତେବେ ଗୁଳିମାଡ଼ରେ ପ୍ରାଣ ହରାଇଥିବା ଚାରି ଜଣଙ୍କ ମୃତଦେହ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇ ନାହିଁ । ପରେ ଏକ ଭିଡିଓ କାର୍ଡରେ ମଣିପୁର ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂ ଲିଲୋଙ୍ଗ ବାସିନ୍ଦାଙ୍କୁ "ଆଉ ଅଧିକ ହିଂସା" ନକରିବାକୁ ଏବଂ ଏହି ଅଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଥିଲେ । ଏହି ଚାରି ସାଧାରଣ ନାଗରିକଙ୍କ ହତ୍ୟାରେ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ବି ଦେଇଥିଲେ ।

ଦୁର୍ଘଟଣା ଏଡ଼ାଇବାକୁ ପରିବହନ ବିଭାଗର ଏସଓପି ଜାରି

ଭୁବନେଶ୍ୱର, ୨/୧ (ନି/ପ୍ର): ଶୀତଋତୁ ବିଶେଷ କରି ପିକନିକ୍ ସମୟରେ ମାତ୍ରାଧିକ ଦୁର୍ଘଟଣା ଚିନ୍ତା ବଢାଇଛି । ଏଥିଲାଗି ଦୁର୍ଘଟଣା ଏଡ଼ାଇବାକୁ ଏସଓପି ଜାରି କରିଛି ପରିବହନ ବିଭାଗ । ଏସଓପି ଅନୁଯାୟୀ ମଦ୍ୟପାନ କରି ଗାଡି ଚଳାଇଲେ ଡ୍ରାଇଭରଙ୍କୁ ତୁରନ୍ତ ଗିରଫ କରାଯାଇ ତାଙ୍କ ଲାଇସେନ୍ସ ବାତିଲ କରାଯିବ । ଦୂର ଯାତ୍ରାକୁ ପିକନିକ ପାଇଁ ଗଲେ ଆସିଷ୍ଟାଂଟ ରଖିବାକୁ ପ୍ରୋମାର୍ଶ ଦିଆଯାଇଛି । ପିକନିକ ଯାତ୍ରା ପାଇଁ ଯାନବାହନ ମାଲିକମାନଙ୍କୁ ସମ୍ପୃକ୍ତ ଆରଟିଓରୁ ସ୍ୱତନ୍ତ୍ର ଅନୁମତି ନେବା ଦରକାର । ପ୍ରତ୍ୟେକ ପିକନିକ୍ ସ୍ପଟ୍ ନିକଟରେ କର୍ମଚାରୀ ପରିବହନ ବିଭାଗ କର୍ମଚାରୀ ନିୟୋଜିତ ରହିବେ । ଯେଉଁ ଯାନଗୁଡ଼ିକର ଫିଟନେସ୍ ସାର୍ଟିଫିକେଟ୍ ବଳବତର ଅଛି, କେବଳ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପିକନିକ ପାଇଁ ଅନୁମତି ମିଳିବ । ସେହିପରି ପିକନିକ୍ ସ୍ପଟ ନିକଟରେ ପରିବହନ କର୍ମଚାରୀ ରହି ଯାଂଚ କରିବେ । ପିକ୍‌ନିକ୍ ଗାଡ଼ିରେ ବହନକାରୀ ସାମଗ୍ରୀ ପରିବହନକୁ ବାରଣ କରାଯାଇଛି । ପିକ୍‌ନିକ୍ ଗାଡ଼ିରେ ରନ୍ଧନ ଗ୍ୟାସ ଓ ବାଣ ଯାଇଥିଲେ ପୋଲିସ୍ ବାରଣ କରିବ । ଏସହାସହ ପିକ୍‌ନିକ୍ ଗାଡ଼ିରେ ଓଭରଲୋଡିଂ ଉପରେ ନଜର ରଖାଯିବ । ପ୍ରମୁଖ ପିକନିକ୍ ସ୍ପଟ୍ ଗୁଡିକରେ ଦୁର୍ଘଟଣା ଜନିତ ସଚେତନତା କରାଯିବ । ପରିବହନ ବିଭାଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହିତ ସହଯୋଗ କରିବ ଏବଂ ପିକନିକ୍ ସ୍ପଟ୍ ଗୁଡିକରେ ସବକ ସୁରକ୍ଷା ବାର୍ତ୍ତା ଏବଂ ପ୍ରଶଂସାପତ୍ର / ବଢ଼କ ଦୁର୍ଘଟଣା ପୀଡିତଙ୍କ ପରିବାରର ଆବେଦନପତ୍ର ଲିଫଲେଟ୍, ପାମ୍ପଲେଟ୍ ବଂଟନ କରିବ ।

ଜାପାନ ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୩୦କୁ ବୃଦ୍ଧି ଆହୁରି ୧୫୫ ଫସି ରହିଥିବା ସନ୍ଦେହ

ଟୋକିଓ, ୨/୧: ନୂଆବର୍ଷରେ ଜାପାନରେ ଶକ୍ତିଶାଳୀ ଭୂକମ୍ପ ହୋଇଥିବା ବେଳେ ଏବେ ପର୍ଯ୍ୟନ୍ତ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ମୃତ୍ୟୁ ସଂଖ୍ୟା ବଢ଼ି ଏବେ ସୁଦ୍ଧା ୩୦ରେ ପହଁଚିଲାଣି । ଆହୁରି ୧୫୫ ଜଣ ସେଠାରେ ଫସି ରହିଛନ୍ତି ବୋଲି ଅନୁମାନ କରାଯାଉଛି । ୨୦୨୪ର ପ୍ରଥମ ଦିନରେ ଘଟିଥିବା ଏହି ବଡ଼ ଭୂକମ୍ପରେ ବଚିଂଥିବା ଲୋକଙ୍କୁ ଖୋଜିବା ପାଇଁ ଜାପାନର ଉଦ୍ଧାରକାରୀମାନେ ମଙ୍ଗଳବାର ଘଟାଂ ଘଟାଂ ଧରି ପରିଶ୍ରମ କରି ଚାଲିଛନ୍ତି । ସୋମବାରରୁ ପ୍ରାୟ ୧୫୫ ରୁ ଅଧିକ ଭୂକମ୍ପ ହୋଇଥିବା ବେଳେ ଅଧିକାଂଶ ୭.୬ ତୀବ୍ରତାର ଥିବା ରେକର୍ଡ ହୋଇଛି । ବାକିସୁଡ଼ିକ ୬ ତୀବ୍ରତାରୁ ଅଧିକ ରହିଛି ।ପ୍ରାରମ୍ଭିକ ଭୂକମ୍ପ ପରେ ଅଧିକାରୀମାନେ ସୁନାମି ଚେତାବନୀ ଜାରି କରିଛନ୍ତି । ନ୍ୟୁକ୍ ଏଏଚ୍ଚି ଉଏଟର୍ସ ରିପୋର୍ଟ କରିଛି ଯେ ପ୍ରାୟ ୩୩ ହଜାର ପରିବାର ବିଦ୍ୟୁତ୍ ବିନା ରହିଛନ୍ତି ଏବଂ ପ୍ରମୁଖ ରାଜପଥ ସମେତ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ମାର୍ଗ କାର୍ଯ୍ୟକ୍ଷମ ନୁହେଁ, ଯାହାଦ୍ୱାରା ମେଡିକାଲ୍ ଏବଂ ସେନା କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ନିଶ୍ଚିନ୍ତକୋଇଲି ଦୁର୍ଘଟଣା :

ମୃତକଙ୍କ ପରିବାରକୁ ୩ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ନିଶ୍ଚିନ୍ତକୋଇଲି/ ଭୁବନେଶ୍ୱର, ୨/୧ (ନି/ପ୍ର): କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା କଳା ପୋଲ ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଶୋକସନ୍ତପ୍ତ ପରିବାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମବେଦନା ଜଣାଇବା ସହ ଶୋକ ପ୍ରକାଶ କରିଛନ୍ତି । ଏହାଛଡ଼ା ପ୍ରତି ପରିବାରକୁ ୩ ଲକ୍ଷ ଲେଖାଏଁ ସହାୟତା ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି । ଖାଲି ସେତିକି ନୁହେଁ, ଆହତ ଓ ଗୁରୁତରମାନଙ୍କ ଉପଯୁକ୍ତ ଚିକିତ୍ସା ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା କଳା ପୋଲ ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ୪୦ ଆହତ ଓ ୨୦ ଗୁରୁତର ଥିବା ଜଣାଯାଇଛି । ସେମାନଙ୍କୁ ଉଦ୍ଧାର କରାଯାଇଛି । ଏଣେ କଟକ ଜିଲ୍ଲାପାଳ ନବହରି ସେଠୀ ଘଟଣାସ୍ଥଳରେ ପହଁଚିଛନ୍ତି । ତେଣେ ଏସସିବି ମେଡିକାଲରେ ଗୁରୁତରମାନଙ୍କୁ ଭର୍ତ୍ତି କରାଯାଇଛି । ଘଟଣାରୁ ପ୍ରକାଶ ଯେ କଟରପଡ଼ା କଳା ପୋଲ ନିକଟରେ ସକାଳ ସାଢ଼େ ୬ଟାରେ ମନୋରମା ବସ ଚାନ୍ଦବାଲିରୁ କଟକ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଏକ ୧୦ ଚକିଆ ଟ୍ରକକୁ ମୁହାଁମୁହିଁ ଟିକିଥିଲା । ଏହାଫଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା । ପରେ ଆଉଜଣଙ୍କର ପ୍ରାଣହାନି ଘଟିଥିଲା । ଏହାଫଳରେ ମୃତ୍ୟୁସଂଖ୍ୟା ୩ରେ ପହଁଚିଛି । ଏବେ ବି ଆହୁରି ୭ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି । ବସରେ ଥିବା ୪୦ଜଣ ଯାତ୍ରୀ ଆହତ ହୋଇଥିବା ଜଣାଯାଇଛି ।

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ର ବୌଦ୍ଧ, ସୋନପୁର, ବଲାଙ୍ଗୀର, ଝାରସୁଗୁଡ଼ା ଜିଲ୍ଲା ପାଇଁ ଜିଲ୍ଲା ତଥା ବ୍ଲକସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Adress:Qrs No:B/204, Sec-16,Rourkela

Mob:9692048008

email-utkalsamachar@gmail.com

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

ସମନ୍ୱୟ ରକ୍ଷା ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବାକୁ ଧ୍ୟାନ ଦେବା ଜରୁରୀ-ସଚିବ

ଭୁବନେଶ୍ୱର(୦୨/୦୧ ନି.ଗ) : ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡିକ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ସହ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଠିକ ସମୟରେ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବା ପାଇଁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଲୋକସେବା ଭବନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ାନ୍ ହଲରେ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ଏଥିରେ ଅଧ୍ୟକ୍ଷତା କରି କହିଲେ ଯେ ବିଭାଗର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ହେବା ଆବଶ୍ୟକ । ଏହି ଆଧାରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଜଡିତ ଅର୍ଥ ବିଭାଗ ଏବଂ ନାବାର୍ଡ ସହିତ ସମନ୍ୱୟ ରକ୍ଷି ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବାକୁ ବିଭାଗ ବିଶେଷ ଭାବେ ଧ୍ୟାନ ଦେବା ଜରୁରୀ । ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନଙ୍କ ପେନସନ ଓ ଶୃଙ୍ଖଳାଗତ ପ୍ରକ୍ରିୟା ଉପରେ ମଧ୍ୟ ବିଭାଗ ବିଶେଷ ଭାବେ ଧ୍ୟାନ ଦେଉଛି । ଅଚାଲତ ସମସ୍ଯାର କେତ୍‌ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରି କର୍ମଚାରୀମାନଙ୍କ ଗ୍ରାଚୁଇଟି, ପେନସନ ଆଦିକୁ ସହଜ କରିବା ପାଇଁ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ବିଭାଗର ଲ ଅଫିସରମାନେ ପେଣ୍ଡିଂ କେଶଗୁଡିକୁ ତ୍ୱରାନ୍ୱିତ କରି ଫଇସଲା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ବିଭାଗ ସମ୍ବନ୍ଧୀୟ ସମସ୍ତ ଅଭିଯୋଗର ଯଥା ସମୟରେ ତ୍ୱରିତ ସମାଧାନପୂର୍ବକ ଅନୁପାଳନ ରିପୋର୍ଟ ପ୍ରଦାନ କରିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପଗୁଡିକର ସମୀକ୍ଷା ଅବସରରେ ଶ୍ରୀ ସିଂହ କହିଲେ ଯେ ସଡକ, ସେତୁ ଓ ଗୃହ ନିର୍ମାଣ କ୍ଷେତ୍ରରେ ବିଭାଗ ସମସ୍ତ ସର୍ବଲିମାନଙ୍କୁ ପର୍ଯ୍ୟାପ୍ତ ପାଣି ଯୋଗାଇବା ସେଣ୍ଟ କିଛି ଡିଭିଜନ୍ ଧାର୍ଯ୍ୟ ବ୍ୟୟ ଲକ୍ଷରେ ପହଞ୍ଚି ପାରି ନାହାନ୍ତି । ସରକାରଙ୍କ ଦ୍ୱାରା ଚଳିତ ଡିସେମ୍ବର ସୁଦ୍ଧା ଧାର୍ଯ୍ୟ ବ୍ୟୟ ୬୦ ପ୍ରତିଶତ ରହିଥିବାବେଳେ ବର୍ତ୍ତମାନ ଏହା ୪୯.୧୮ ପ୍ରତିଶତ ରହିଛି । ଏଣୁ ଡିଭିଜନମାନଙ୍କୁ ଦିଆ ଯାଇଥିବା ଅନୁଦାନର ବ୍ୟୟ ଚଳିତ ମାସ ଶେଷ ସୁଦ୍ଧା ୬୦ ପ୍ରତିଶତରେ ପହଞ୍ଚାଇବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସମସ୍ତ ନିର୍ମାଣ କାମ ତ୍ୱରାନ୍ୱିତ ପ୍ରକ୍ରିୟାରେ ଏବଂ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେବା ବିଭାଗର ଗୁରୁଦାୟିତ୍ୱ । ଏ ଦିଗରେ ବିଭାଗର ସମସ୍ତ ମନ୍ତ୍ରୀମାନେ, ସଚିବମାନେ, ନିର୍ଦ୍ଦେଶକ ଆବଶ୍ୟକ । ସେହିପରି ଆର.ଆଇ.ଡି.ଏଫ ଯୋଜନା ଅଧିନରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ଧାର୍ଯ୍ୟ ସମୟରେ ସାରିବା ସହ ଆଗାମୀ ଜାନୁୟାରୀ ସୁଦ୍ଧା ପିସିଆର ପ୍ରଦାନ କରିବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେବା ସହ ରୋଡ ଏବଂ ବ୍ରିଜ ସେକଫରରେ ସ୍ଥିତିତ ରହିଥିବା ବିଜୁସେତୁ ଯୋଜନା ଅଧିନରେ ବିଭିନ୍ନ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ପ୍ରକଳ୍ପ ଅନୁମୋଦନ ପାଇଁ ଫିଜିବିଲିଟି ରିପୋର୍ଟ ପ୍ରଦାନରେ ବିଳମ୍ବ ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଥିଲେ । ସମୟାନୁକ୍ରମେ ସଠିକ ଅନୁଧ୍ୟାନ କରି ବୈଠକରେ ବିଭାଗୀୟ ମନ୍ତ୍ରୀମାନଙ୍କ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ବାଚୀ ଯନ୍ତ୍ରୀମାନେ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ପ୍ରଦାନ କରିବା ସମୟରେ କେଉଁ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଇ ପାରୁଛି ସେଗୁଡିକୁ ଅନୁଧ୍ୟାନପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୨୧-୨୨ ଆର୍ଥିକ ବର୍ଷ ପୂର୍ବରୁ ବାକି ରହିଥିବା ପ୍ରକଳ୍ପଗୁଡିକ ସମ୍ବନ୍ଧରେ ବୁଝିବା ସହ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆ ଯାଇଥିବା ସମସ୍ତ ପ୍ରକଳ୍ପଗୁଡିକର ବାକି ରହି ଯାଇଥିବା ଡିପିଆର ପାଇନାଲ କରିବାକୁ ପରାମର୍ଶ ଦେଇଥିଲେ । ୨୦୨୩-୨୪ ଆର୍ଥିକ ବର୍ଷରେ ନିଆଯାଇଥିବା ସମସ୍ତ ପ୍ରକଳ୍ପଗୁଡିକର ସର୍ଭେ ଇନ୍‌ଭେଷ୍ଟିଗେସନ ସମାପ୍ତ ହୋଇଥିବାବେଳେ ୧୦ ଗୋଟି ପ୍ରକଳ୍ପର ଜିଏଡି ଅନୁମୋଦନ ସ୍ଥଗିତ ଅଛି, ଯାହା ଚଳିତ ମାସ ଶେଷ ସୁଦ୍ଧା ସମାଧାନ ହେବ । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସାରିବା ସହିତ ୨୦୨୧-୨୨ ପୂର୍ବରୁ ଚାଲୁ ରହିଥିବା ପ୍ରକଳ୍ପ ଆସନ୍ତା ଜାନୁୟାରୀ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଜରୁରୀ ବୋଲି ଶ୍ରୀ ସିଂହ କହିଥିଲେ । ଏଥି ସହିତ ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ଶତପ୍ରତିଶତ ପ୍ରଶାସନିକ ଅନୁମୋଦନ, ଫନ୍ଦ, ସମ୍ବଳ, ପ୍ରକ୍ରିୟା ଜାନୁୟାରୀ ୧୦ ତାରିଖ ସୁଦ୍ଧା ବୃତ୍ତାନ୍ତ କରିବାକୁ କହିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧିନରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାଗୁଡିକର ନିୟମିତ ଓ ସାମୟିକ ରକ୍ଷଣାବେକ୍ଷଣର ବ୍ୟୟବରାଦକୁ ଦୃଷ୍ଟିରେ ରଖି କାର୍ଯ୍ୟ ଆଗେଇ ନେବାକୁ ଡିଭିଜନମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟ ସମୟରେ ଜଙ୍ଗଲ ଜମି ଅଧିଗ୍ରହଣ ପାଇଁ ଉପୁଜୁ ଥିବା ଅସୁବିଧା ଦୂର କରି ଏବଂ ଔପଚାରିକତା ସମ୍ପୂର୍ଣ୍ଣ କରି ବିଭାଗକୁ ଜଣାଇବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା, କୋଠାବାଡି, ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ ସର୍କଲ ଓ ଡିଭିଜନର ସମସ୍ତ ଯନ୍ତ୍ରୀମାନଙ୍କୁ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମର ଅଗ୍ରଗତି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପ୍ରମୁଖ ଶାସନ, ସଚିବ, ଶ୍ରୀ ସିଂ, ମନାନି, କୁଝିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପରିଡା, ଇଆଇସି ଅକ୍ଷୟ କୁମାର ପ୍ରଧାନ, ଇଆଇସି ଜୀବନାନନ୍ଦ ନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଶ୍ରୀମନ୍ଦିରରେ ସଂସ୍କୃତି ସମ୍ପନ୍ନ ପୋଷାକ ପିନ୍ଧିବାର ସଚେତନତା ଅଭିଯାନ

କେନ୍ଦ୍ରାପଡ଼ା (୦୨/୦୧ ନି.ଗ): ଆମ ଭାରତ ଏକ ସଂସ୍କୃତି ସଂପନ୍ନ ଦେଶ ଅଟେ . ଓଡ଼ିଶାକୁ ଅନ୍ୟ ରାଜ୍ୟରେ ଠାକୁର ଦେଶ ବୋଲି ଆଖ୍ୟା ଦିଆଯାଏ . ଆମର ସଂସ୍କୃତିକୁ ଅନ୍ୟ ଦେଶର ଲୋକ ଆପଣାନ୍ତି . ମହାପ୍ରଭୁ ଜଗନ୍ନାଥ ସାରା ବିଶ୍ୱର ଆରାଧ୍ୟ ଦେବତା . ତାଙ୍କର ଦେଉଳ ବଡଦେଉଳ ନାମରେ ଖ୍ୟାତ . ଏହି ବଡ଼ ଦେଉଳରେ ଆଧୁନିକତାର ଆଳ ଦେଖାଇ କିଛି ଅସାମାଜିକ ବ୍ୟକ୍ତି ଅଣାଳୀନ ପୋଷାକ ପିନ୍ଧି ମନ୍ଦିରକୁ ପ୍ରବେଶ କରିବା ଯୋଗୁଁ ଏହାର ମର୍ଯ୍ୟାଦା କଳଙ୍କିତ ହେଉଥିଲା . ମନ୍ଦିର ପ୍ରଶାସନ ତରଫରୁ ଏହି ଅଣାଳୀନ ପୋଷାକ ଉପରେ କଟକଣା ଲାଗିବା ପରେ ଶ୍ରୀଜଗନ୍ନାଥ ଡାଭିଟେସ୍ରେ ଟ୍ରଷ୍ଟ ତରଫରୁ ମୁଖ୍ୟ ବର୍ଷ ଆରମ୍ଭରେ ଏହି ବାର୍ତ୍ତାକୁ ପ୍ରଚାର କରାଯାଇଥିଲା . ଟ୍ରଷ୍ଟର ସଭାପତି ଦମନ ମହାନ୍ତି ,ଉପସଭାପତି ରଶ୍ମିରଞ୍ଜନ ବାରିକ , ସଂଜିତ କୁମାର ଚରାଲ ,ସନ୍ତୋଷ ପଟ୍ଟନାୟକ,ଓ ଜିତେନ୍ଦ୍ର ସେଠି ପ୍ରମୁଖ ତତ୍‌ବାଧାରେ ଭକ୍ତ ମାନଙ୍କୁ ଏହି ବାର୍ତ୍ତା ଦେବା ସହ ଆମ ଭାରତୀୟ ପୋଷାକ ପରିଧାନ କରିବାକୁ ହାତଯୋଡି ନିବେଦନ କରିଥିଲେ.

ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,(୦୨/୦୧ ନି.ଗ) ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ପ ।ଉଯତର ହରିଡାବଣ୍ଡା ଗ୍ରାମର ଶ୍ରୀଚରଣ ସ୍ୱାଇଁଙ୍କ ପୁତ୍ର କାଁ ଚନ୍ଦ୍ର ସ୍ୱାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି

ଉତ୍କଳ ସମାଚାର

THE UTKAL SAMACHAR
(A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16, ROURKELA, PH:0661-2646999
PRAKASH KUMAR DHAL (EDITOR)
MOB: 9439951525
Email: utkalsamachar@gmail.com

ରାଜ୍ୟ ସଂଗ୍ରହାଳୟର ୯୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ରାଜ୍ୟ ସଂଗ୍ରହାଳୟ ଓଡ଼ିଆ ଜାତିର ଅସ୍ମିତାର ପରିଚୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (୦୨/୦୧ ନି.ଗ) - ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏହାର ୯୦ ବର୍ଷ ପୂର୍ତ୍ତି ଉତ୍ସବ ମହାସମାରୋହରେ ପାଳନ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ନିଜର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି । ମୁଖ୍ୟୟମ୍ କେବଳ ଆମ ଗୌରବମୟ ଇତିହାସର ମୁକସାକ୍ଷୀ ନୁହେଁ, ବରଂ ଆମ ଅସ୍ମିତାର ପରିଚୟ। ଏହା ହେଉଛି ଗୋଟିଏ ସଭ୍ୟତା, ଜାତି ଓ ସଂସ୍କୃତିର ଦର୍ପଣ। ଆମ ଅତୀତ ସହ ଏହା ଆମକୁ ଯୋଡ଼ିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇତିହାସ ଓ ପରମ୍ପରାର କଥା କହୁଥିବା ଏହି ସଂଗ୍ରହାଳୟ ଗବେଷଣା ନିମନ୍ତେ ଜ୍ଞାନର ଭଣ୍ଡାର। କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହୋଇଥିବା ଏହି ମ୍ୟୁଜିୟମ୍ ବର୍ତ୍ତମାନ ବିରାଟ ଅନୁଷ୍ଠାନରେ ପରିଣତ ହୋଇଛି। ଏହି ଆଇକନିକ୍ ସ୍ଥାନଟି ପିଲାମାନଙ୍କ ନିମନ୍ତେ ଆକର୍ଷଣର କେନ୍ଦ୍ର ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି । ଓଡ଼ିଶାର ସମସ୍ତ ହାଇସ୍କୁଲର ଛାତ୍ରଛାତ୍ରୀ ସଂଗ୍ରହାଳୟ ସହ ପରିଚିତ ହେବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ସେମାନେ ଆମ ଗୌରବମୟ ଅତୀତ ସଂପର୍କରେ ଅନେକ କିଛି ଜାଣିପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା, ସ୍ୱତନ୍ତ୍ର ଉପକ୍ରମ ଆର.ବାଲାକ୍ରିଷ୍ଣନ୍ କହିଲେ ଯେ ରାଜ୍ୟ ସଂଗ୍ରହାଳୟ ଓଡ଼ିଶାର ସମସ୍ତ ଐତିହ୍ୟପୂର୍ଣ୍ଣ ଉପାଦାନକୁ ସ୍ଥାନ ଦେଇଛି। ଏହା ଦେଶର ପ୍ରମୁଖ ସଂଗ୍ରହାଳୟ ଭାବେ ପରିଚିତ। କଳାଭୂମି, ରାଜ୍ୟ ସଂଗ୍ରହାଳୟ ଓ ଆଦିବାସୀ ସଂଗ୍ରହାଳୟ ରାଜ୍ୟର ସ୍ୱତନ୍ତ୍ର ଗାଥା ବହନ କରୁଛି। ଭାଷା, ସଂସ୍କୃତି ଓ ଐତିହ୍ୟ ଭଳି ସୂକ୍ଷ୍ମ ଶିଳ୍ପର ବିକାଶ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ରାଉତ କାର୍ତିକେୟନ୍ କହିଲେ ଯେ ଭାଷା, ସାହିତ୍ୟ ଓ ସଂସ୍କୃତି ହେଉଛି ଏକ ଜାତିର ମୂଳପିଣ୍ଡ। ଏହାର ସୁରକ୍ଷା ଓ ସଂରକ୍ଷଣ ହୋଇପାରିଲେ ଗୋଟିଏ ଜାତିର ବିକାଶ ହୋଇପାରିବ। ରାଜ୍ୟରେ ଜାରି ରୂପାନ୍ତରଣ କାର୍ଯ୍ୟକ୍ରମରେ ଐତିହ୍ୟ ଓ ସଂସ୍କୃତିକୁ ସର୍ବଦା ଗୁରୁତ୍ୱ ଦିଆଯାଉଛି। ରାଜ୍ୟର ବିକାଶ ଦିଗରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସେମାନଙ୍କ ସଶକ୍ତିକରଣ କରାଯିବା ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଆସନ୍ତା ସମୟରେ ମ୍ୟୁଜିୟମ୍ କୁ ୫-'ଟି' ଉପକ୍ରମରେ ସାମିଲ କରାଯାଇ ଏହାର ଆହୁରି ବିକାଶ କରାଯିବା ସହ ମ୍ୟୁଜିୟମ୍ ପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବୃଆରୀରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯିବ ଏବଂ ଏଥି ନିମନ୍ତେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରସିଦ୍ଧ ସଂଗ୍ରହାଳୟ ତତ୍ତ୍ୱବିତ୍ ପ୍ରଫେସର ଦ୍ୟୋତିନ୍ଦ୍ର ଜୈନ କହିଲେ ଯେ ଏକ ଜାତି ପାଇଁ ସଂଗ୍ରହାଳୟ ମହତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ। ସମସ୍ତ ଜ୍ଞାନର ମୂଳତତ୍ତ୍ୱ ମ୍ୟୁଜିୟମରେ ସଂରକ୍ଷିତ ବୋଲି ସେ କହିଥିଲେ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଉପଲବ୍ଧ ସାମଗ୍ରୀ ବିଶ୍ୱବିଦିତ। ବିବେଶରେ ଉପଲବ୍ଧ ଦେଶର ସାମଗ୍ରୀ ସଂପର୍କରେ ଏହି ମ୍ୟୁଜିୟମ୍‌ରେ ଗବେଷଣାଳବ୍ଧ ତଥ୍ୟ ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଡ.ଜେନିନ୍ ମହାନ୍ତି କହିଲେ ଯେ ରାଜ୍ୟରେ ଜାରି ରୂପାନ୍ତରଣରେ ସମସ୍ତେ ସହଯୋଗ କରିପାରିଲେ ରାଜ୍ୟରେ ବିକାଶ ତ୍ୱରାନ୍ୱିତ ହୋଇପାରିବ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାଏ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି ଓ ଇତିହାସ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିବିଶେଷ ଡ. ନିବେଦିତା ମହାନ୍ତି, ବେଣୁଧର ମହାପାତ୍ର, ଗୋବିନ୍ଦ ପାଲ, ପ୍ରସନ୍ନ କୁମାର ଦାଶ ଓ ସଂଗ୍ରହାଳୟର ବିଭିନ୍ନ ଗ୍ୟାଲେରୀର ପରାମର୍ଶଦାତା ମଣ୍ଡଳୀରେ ଥିବା ଡ. ପ୍ରଭୁଦ ସିଂହ, ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଡ. ରାମଚନ୍ଦ୍ରି ଜେନା, ଡ. ସଂଗ୍ରାମ ଜେନା ପ୍ରମୁଖଙ୍କୁ ସମ୍ବନ୍ଧିତ କରାଯାଇଥିବାବେଳେ ସାଂସ୍କୃତିକ କ୍ୟାଲେଣ୍ଡର ୨୦୨୪ ଓ 'ଦ ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ଣ୍ଣାଲ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା।ପୂର୍ବରୁ ସଂଗ୍ରହାଳୟ ସମ୍ମୁଖ ଭାଗରେ ଥିବା ଫୁଲ ଦ୍ୱାର, ମ୍ୟୁଜିକାଲ ଫାଉଣ୍ଟେନ୍, ଶିଶୁ ଶଙ୍କର ଦାସ ରଚିତ 'ଉଷାଆଲିକାଷ'ର ପ୍ରଥମ ଓଡ଼ିଆ ଟିକା ଓ ତାଳପତ୍ର ଖୋଦିତ ଚିତ୍ରରାଜି ସମ୍ବଳିତ ଅଡ଼ିଶା ଲିଙ୍ଗୁଆଲ, ବିସ୍ତୃତ ସୂଚନା ଫଳକ ଗ୍ୟାଲେରୀ, ଆନିମଲ କାର୍ନିଭାଲ ସେଲ୍‌ଫିଜୋନ୍ ଆଦି ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବାବେଳେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଚିନିଚକକୁ ଲୋକାର୍ପିତ କରାଯାଇଛି।ଏ। ରାଜ୍ୟ ସଂଗ୍ରହାଳୟରେ ପର୍ଯ୍ୟଟନ କର୍ମଶାଳାରେ ୧୪ ଦିନ ଧରି ପ୍ରଶିକ୍ଷଣ ନେଉଥିବା ଫ୍ରାଙ୍କଲିନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହସ୍‌ପିଟାଲିଟି ଆଣ୍ଡ ମ୍ୟାନେଜ୍‌ମେଂଟର ୭୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମେତ ବିଭାଗୀୟ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ଯୁବୁ ନିର୍ଦ୍ଦେଶକ ଅତନୁ ଦାସ, ସୁବୋଧ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିବାବେଳେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଅଧ୍ୟକ୍ଷ ଡ. ଭାଗ୍ୟଲିପି ମଲ୍ଲୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ କ୍ୟୁରେଟର ଡ. ଭାରତୀ ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କେନ୍ଦ୍ରାପଡାରେ ବିଶ୍ୱ ପାର୍ଥନା ଦିବସ ଅନୁଷ୍ଠିତ

କେନ୍ଦ୍ରାପଡ଼ା(୦୨/୦୧ ନି.ଗ): ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ କେନ୍ଦ୍ରାପଡା ସମେତ ସାରା ଦେଶରେ ସର୍ବଧର୍ମ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଜଥବାଷ୍ଟରେ ବିଦ୍ୟାଜୀବନ ସଂଘ ଶିବାନନ୍ଦ ଆଶ୍ରମ, ଗରାପୁରର ଅଧକ୍ଷ ଶ୍ରୀମା' ସ୍ୱାମୀ ବିଦ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୌରହିତ୍ୟରେ ଙ୍ଗ

ବିବିଧା

ଉତ୍ପାଦ ବିକ୍ରିରେ ସହାୟକ
କୃଷକ ଉତ୍ପାଦକ ସଂଘ

ଯେଉଁସବୁ ଚାଷୀ, ଅଣଚାଷୀ, ମାଛଚାଷୀ, ପଶୁପାଳକ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିୟୋଜିତ ରହିଥିବା ବ୍ୟକ୍ତି ଉତ୍ପାଦକଙ୍କୁ କୃଷକ ଉତ୍ପାଦକ ସଂଘରେ ସଦସ୍ୟ ହୋଇପାରିବେ। ସମ୍ପ୍ରତି ପ୍ରାମାଞ୍ଚଳର ମହିଳାମାନେ ପୁଷ୍ଟ ସହାୟକ ଗୋଷ୍ଠୀ ମାଧ୍ୟମରେ ଏଥିରେ ଅଂଶୀଦାର ହୋଇ ବିଭିନ୍ନ ପ୍ରକାର ବୃକ୍ଷ ଲଗାଇବା, ପଶୁପାଳନ, ମାଛ ଚାଷ, ଛତୁ ଚାଷ ଆଦି କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।

ମୁଖ୍ୟ କାର୍ଯ୍ୟ

ସଦସ୍ୟଙ୍କୁ ଉପଯୁକ୍ତ ପୁଷ୍ଟାହାରର ବିଚାର, କୃଷି ଯନ୍ତ୍ରପାତି ଏବଂ ଚାଷଜମି ମିଳିତରୁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ବହୁ ପୁରାତନ ମୁଦ୍ରାରେ ଉପଯୋଗ କରାଯାଇବା ଏହାର ମୂଳ ଲକ୍ଷ୍ୟ। ଚାଷୀମାନଙ୍କ ନିମନ୍ତେ ବିଭିନ୍ନ ସରକାରୀ ଝିଲ୍ମ ଯୋଜନା ସମ୍ପର୍କରେ ଏହା ସାହାଯ୍ୟ କରିଥାଏ। କୃଷକ ଉତ୍ପାଦକ ସଂଘ ଜରିମାରୁ ସଦସ୍ୟମାନଙ୍କୁ ବିଭିନ୍ନ କୃଷି ଯନ୍ତ୍ରପାତି ମଧ୍ୟ ସୁବିଧାରେ ଭଡ଼ାରେ ନିଜାତି ଦରରେ ମିଳିପାରିପାରେ। ଏଥିପାଇଁ ବ୍ୟାଙ୍କୁ ଅଧିକ ଖର୍ଚ୍ଚାଳି ହେବାକୁ ପଡ଼େ ନାହିଁ।

ଚାଷ ସମ୍ପର୍କିତ ପରାମର୍ଶ

ପାରମ୍ପରିକ ତଥା ବୈଜ୍ଞାନିକ କୃଷି ପଦ୍ଧତି ସମ୍ପର୍କରେ ଭାଷ୍ୟଯୁକ୍ତ ବିଭିନ୍ନଧିକ ପରାମର୍ଶ ଓ ସହାୟତା ଦେବା, ଯଥା : ମୃତ୍ତିକା ପରୀକ୍ଷା କରାଇବା, ଚେଷ୍ଟି ଜମିରେ ଚେଷ୍ଟି ଫସଲ, ଫସଲ ଅନୁଯାୟୀ ସାର ପ୍ରୟୋଗର ମାତ୍ରା, ଚେଷ୍ଟି ରୋଗପୋକ ପାଇଁ ଜୈବ ପ୍ରକାର ବ୍ୟବସ୍ଥା କରିବାକୁ ହେବ. ଏସବୁ ସଠିକ୍ ପରାମର୍ଶ ଦେଇ ଅଧିକ ଉତ୍ପାଦନରେ ସାହାଯ୍ୟ କରାଯାଇଥାଏ। ସଦସ୍ୟମାନଙ୍କ ଉତ୍ପାଦିତ ସାମଗ୍ରୀକୁ ମୂଲ୍ୟଯୁକ୍ତ କରି ବୃହତ୍ତର ବଜାରରେ ସର୍ବାଧିକ ମୂଲ୍ୟରେ ବିକ୍ରି କରିବା ବିଷୟରେ ବାଦଦେଇ କରାଯାଇଥାଏ।

ଋଣ ମିଳିବାରେ ସମସ୍ୟା ହୁଏନି

ସଂଘ ତରଫରୁ ଋଣଗ୍ରହଣ ପାଇଁ ଆବଶ୍ୟକୀୟ ଗୋଦାମ ଗୃହ, ଛୋଟ ଶୀତଳ ଗଣ୍ଡାର ଦାବଦ୍ଧା କରାଯାଇଛି। ଆବଶ୍ୟକତା ଅନୁଯାୟୀ ବ୍ୟାଙ୍କ କିମ୍ବା ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କଠାରୁ ଋଣ ନିଆଯିବାର ବ୍ୟବସ୍ଥା ରହିଛି। ସଂଘର ସଦସ୍ୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥ୍ୟାଳ ଓ ବିକ୍ରୟ ପୁଞ୍ଜି ଜମା ସଂଘର କାରବାରକୁ ଦେଖି ସଦସ୍ୟମାନେ ଆବଶ୍ୟକତା ଅନୁଯାୟୀ ଏହି ସୁଧାଖଣ ଋଣ ଦେଇଥାଆନ୍ତି। କୃଷକ ଉତ୍ପାଦକ ସଂଘ ଗରିଆରେ ସଦସ୍ୟ ଓ ସୁବିଧା ଆନୁଷ୍ଠାନିକ କୃଷି ଋଣ ମିଳିପାରିଥାଏ। ଫସଲ ବୀମାର ସୁବିଧା ନେବା ସହଜ ହୋଇଥାଏ।

ଆୟକରରେ ରିହାତି

କୃଷକ ଉତ୍ପାଦକ ସଂଘମାନଙ୍କୁ ବାର୍ଷିକ ଶହେ କୋଟି ଟଙ୍କାରେ କାରବାର ଯାଏଁ ସରକାର ଆୟକରରେ ରିହାତି ଦେଇଥାଆନ୍ତି। ସମ୍ପୃକ୍ତ ଅଂଶୀଦାର ବା ସଦସ୍ୟମାନଙ୍କୁ ଲିଖିତ ଭାବେ ମିଳିପାରିଥାଏ। କେନ୍ଦ୍ର ସରକାରଙ୍କ କୃଷି ସଂସ୍ଥାର ଜାତି ଯୋଗୁଁ ବାଣ୍ଟାମାନେ ନିଜ ନିଜ ଉତ୍ପାଦକୁ ଦେଖେଇ ଯେ ବେଶିରଭାଗ ସ୍ଥାନରେ ବିକ୍ରୟ କରିପାରୁଛନ୍ତି। ଏଥିପାଇଁ କୃଷକ ଉତ୍ପାଦକ ସଂଘ ଗରିଆରେ ବିଡ଼ି କରିବାକୁ ଅଧିକ ସୁବିଧା ହୋଇଥାଏ।

ଆମ ଦେଶର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ଏମାନଙ୍କ ମଧ୍ୟରୁ ବହୁ ସଂଖ୍ୟାରେ ଛୋଟ ଓ ନାମମାତ୍ର ଚାଷୀ ରହିଛନ୍ତି। ତେଣୁ ସ୍ୱଳ୍ପ ପରିମାଣରେ ଜମି ସାଙ୍ଗକୁ ଏହି ଚାଷୀମାନେ ସଂଗଠିତ ନ ଥିବା କାରଣରୁ ଆଧୁନିକ କୃଷି ପ୍ରଣାଳୀର ସୁବିଧା ପାଇପାରନ୍ତି ନାହିଁ। ତଦାରରେ ମୂଲ୍ୟବାନ ନ କରିପାରି ଅଧିକାଂଶ ସମୟରେ ଦଲାଲଙ୍କ ଶିକାର ହୁଅନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ କୃଷକମାନେ କେନ୍ଦ୍ର ସରକାରଙ୍କ କମ୍ପାନୀ ଆଇନ ଅନୁସାରେ 'କୃଷକ ଉତ୍ପାଦକ ସଂଘ' ଗଠନ କରି ସରକାରଙ୍କ ବିଭିନ୍ନ ଯୋଜନାରେ ଉପକୃତ ହୋଇପାରିବେ। ଏହାକୁ କୃଷି ବେଶ ଚାଷୀଙ୍କ ସାମଗ୍ରିକ ବିକାଶ ଦିଗରେ କୃଷକ ଉତ୍ପାଦକ ସଂଘର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜ୍ୟ ସରକାର ମଧ୍ୟ ରାଜ୍ୟସ୍ତରରେ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, କୃଷି ଓ ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ଆଦି ସ୍ୱତନ୍ତ୍ର ବିଭାଗ ଜରିଆରେ କୃଷକ ଉତ୍ପାଦକ ସଂଘ ଗଠନ କରି କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ଉତ୍ପାଦକୁ ଉଚିତ ଦରରେ ବିକ୍ରି କରିବା ପାଇଁ ପ୍ରୋତ୍ସାହନ ରାଶି ଯୋଗାଇଛନ୍ତି।

ଆୟ ବୃଦ୍ଧିଗତି

କୃଷକ ଉତ୍ପାଦକ ସଂଘ ଗଠନ ଦ୍ୱାରା ଆୟ ବୃଦ୍ଧିହେବା ହୋଇଯାଉଛି। ଏଥିପାଇଁ ସମସ୍ତେ ନିଜ ନିଜ ଅଞ୍ଚଳରେ କୃଷକ ଉତ୍ପାଦକ ସଂଘ ଗଠନ କରି ସେଥିରେ ସମ୍ପୃକ୍ତ ହେଉନ୍ତି, ନିଜର ତଥା ଅନ୍ୟ ଚାଷୀମାନଙ୍କର ସାମଗ୍ରିକ ଉନ୍ନତି ହୋଇପାରିବ।

> ବ୍ୟବ୍ୟଦଣ୍ଡ ମହିଳାଙ୍କୁ ନେଇ ମା' ଗ୍ରାମ୍ୟ ଉତ୍ପାଦକ ଉତ୍ପାଦିକା ଗୋଷ୍ଠୀ କରିଛୁ। କିଛି ଜଣ ଜୁଡ଼ୁଦୁଆ ପାଇଦିଏ ଦେବେ, ଆଉ କିଛି ପନି ପରିବା ଚାଷ ସହିତ ମାଛ ଚାଷ କରୁଛନ୍ତି। ଏବେ ଆମ୍ଭ ଆଉ କାଳୁ ଚାଷକୁ ଅଧିକ ଗୁରୁତ୍ୱ ଦେଉଛୁ। ଉତ୍ପାଦକ ଗୋଷ୍ଠୀ ବଳରେ ମାଛ, ଆମକ ମନି ମଳିକା ମଳ ଆଦି ବିକ୍ରିକରି କରିବାକୁ ଉତ୍ତମ ପ୍ରାଟ୍‌ଫର୍ମ ପାଇପାରିଛୁ। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସରକାରଙ୍କ ପାଖରୁ ଯଥେଷ୍ଟ ସୁବିଧାଧାନ ଯୋଗାଇ ଦିଆଯାଉଛି।
>
> - ଶେମଲତା ମହାନ୍ତ
> ସେଲ୍ଫେଗୀରା, ବାଲିରିପଦା, କେନ୍ଦୁଝର



> ୨୦୨୧, ଅଗଷ୍ଟରେ ୧୦୦ଜଣ ଚାଷୀଙ୍କୁ ନେଇ ପଞ୍ଚାବ୍ରତ ହୋଇଥିଲା ସନାତନପାଲି କୃଷକ ଉତ୍ପାଦକ ସଂଘ। ଏବେ ୧୧୦୦ରୁ ଊର୍ଦ୍ଧ୍ୱ ମେମ୍ବର ହୋଇଳାଣି ସଂଘରେ ଆଜିକାଲି। ଚାଷୀମାନେ ଏଥିରେ ଯୋଡ଼ି ହେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏବେ ଆମ୍ଭ ଆଉ କାଳୁ ଚାଷକୁ ଅଧିକ ଗୁରୁତ୍ୱ ଦେଉଛୁ। ଜଳ୍ପାଦକ ଲୋକ। ବଳରେ ମାଛ, ଆମକ ମନି ମଳିକା ମଳ ଆଦି ବିକ୍ରିକରି କରିବାକୁ ଉତ୍ତମ ପ୍ରାଟ୍‌ଫର୍ମ ପାଇପାରିଛୁ। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସରକାରଙ୍କ ପାଖରୁ ଯଥେଷ୍ଟ ସୁବିଧାଧାନ ଯୋଗାଇ ଦିଆଯାଉଛି।
>
> - ଶେମଲତା ମହାନ୍ତ
> ସେଲ୍ଫେଗୀରା, ବାଲିରିପଦା, କେନ୍ଦୁଝର

> ଦିଲ୍ଲିରେ ଅନୁଷ୍ଠିତ ହେବାକୁଥିବା ଗଣତନ୍ତ୍ର ଉତ୍ପାଦକ ସଂଘ। ଏଥିରେ ୧୧୦୦ରୁ ଊର୍ଦ୍ଧ୍ୱ ମେମ୍ବର ହୋଇଳାଣି ସଂଘରେ ଆଜିକାଲି। ଚାଷୀମାନେ ଏଥିରେ ଯୋଡ଼ି ହେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏବେ ଆମ୍ଭ ଆଉ କାଳୁ ଚାଷକୁ ଅଧିକ ଗୁରୁତ୍ୱ ଦେଉଛୁ। ଉତ୍ପାଦକ ଗୋଷ୍ଠୀ ବଳରେ ମାଛ, ଆମକ ମନି ମଳିକା ମଳ ଆଦି ବିକ୍ରିକରି କରିବାକୁ ଉତ୍ତମ ପ୍ରାଟ୍‌ଫର୍ମ ପାଇପାରିଛୁ। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସରକାରଙ୍କ ପାଖରୁ ଯଥେଷ୍ଟ ସୁବିଧାଧାନ ଯୋଗାଇ ଦିଆଯାଉଛି।
>
> - ମାନବୋଧ ଜାରିକ
> ନିର୍ଦ୍ଦେଶକ, ସୁଜୁମୁଗୁରା, ସୁନ୍ଦରଗଡ଼

ଶୀତଦିନିଆ
ଶାଗ ଚାଷ

ଆମ ରାଜ୍ୟରେ ଶୀତଦିନେ ମୁଖ୍ୟତଃ ଲୋଣଶାଗ, ଲାଉଆଶାଗ, ପୋଇ, ମେଥି, ପାଳଙ୍ଗ ଓ ସୋରିଷ ପ୍ରଭୃତି ଶାଗ ଚାଷ କରାଯାଉଥାଏ। ଏହାକୁ ଚାଷ କରି ଭଲରେ ଅଧିକ ଲାଭକାରୀ ହୋଇପାରିବେ। ଟିପ ଓ ବିଟିକା ମାଟିରେ ଶାଗଚାଷ ଭଲ ହୋଇଥାଏ। ସେହିପରି ଦୋରସା ମାଟି ଶାଗ ପାଇଁ ଖୁବ୍ ଉପଯୁକ୍ତ ମଧ୍ୟ। ଶାଗ ପାଇଁ ଖରାଦିନ ଭଲ ଭାବରେ ଚାଷ କରି ମାଟି ଖୁଣ୍ଡ କରିଦେବା ଉଚିତ। ତାହା ଲଙ୍ଗଳରେ ଏବଂ ବା ଦୁଇ ତିନି ଚାଷ କରି ପରେ ଜଳ ଲଙ୍ଗଳ ସାହାଯ୍ୟରେ ଚାଷ କଲେ ମାଟି ଖୁଣ୍ଡ ହୋଇଯାଏ। ଚାଷ ଜମିରେ ଜମିରେ ଖତ ଦେଲେ ଏହା ମାଟିରେ ଭଲ ଭାବରେ ମିଶିଯାଏ। ଶାଗ ବୁଣିବା ପୂର୍ବରୁ ବିଜରେ ମଳ ଦେଇ ମାଟିକୁ ସମତଳ କରିଦେବା ଭଲ। ସୁବିଧା ଦେଖି ପ୍ରତି ୧୦ ଫୁଟ ଓଡ଼ାରେ ଗୋଟାଏ ଦିଆର ଟାଣି ଦିଆଯାଏ, ଯାହାଣି ଦିଆର ଦେଇ ଶାଗ ଫସଲରେ ପାଣି ଦିଆଯାଇଥାଏ।

ଦୋରସା ମାଟିରେ ମଧ୍ୟ ଶାଗ ଚାଷ ସମ୍ଭବ। ଚାଷ ପୂର୍ବରୁ ଖେତରେ ପ୍ରଚୁର ପରିମାଣରେ ଖତ ଦେଇ ସଠିକ୍ ଭାବେ ପାଣିଦେବା, ଘାସ ବାଛିବା ଓ ଅମଳ କରିବା ପାଇଁ ପଟାଳିକୁ ଗୁଡ଼ିଏ। ଅନୁଯାୟୀ ମଳି ମଳି ବୁଣିବା ଆବଶ୍ୟକ। ଚାଷ ମଳି ଛୋଟ ଛୋଟ ହୋଇଥିବାରୁ ଏହାକୁ ଖୁଣ୍ଡିବାର ବା ମାଟି ପରିତ ମିଶାଇ ଗୋଡ଼ରେ ଦୁଇଥାଏ। ବୁଣିବାର ଠିକ୍ ୧୫ ଦିନ ପରେ ଅବଶିଷ୍ଟ ଯଥେଷ୍ଟାରଜନ ଏବଂ ପଟାସ ସାର ପ୍ରୟୋଗ କରିବା ଉଚିତ। ଶାଗ ପଟାଳି ପାଇଁ ଏକର ପିଛା ୪୪ କିଲୋଗ୍ରାମ୍ ୟୁରିଆ, ୧୦୦ କିଲୋଗ୍ରାମ୍ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଏବଂ ୨୦ କିଲୋଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଖତ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍, ପଟାସ୍‌ଆଲୁମିନ ଓ ପଟାସକୁ ମୁଠାରେ ଦିଆଯାଇ ବଣ୍ଟନ କରିଦେବା ଉଚିତ। ପୁରା ୨୫ ଗୁଣ୍ଡ ଏକ ଦିନରେ ବୋଣ୍ଡା ଶାଗ ଅମଳ ପାଇଁ ଉପଯୁକ୍ତ ହୋଇଥାଏ। ପ୍ରତି ୧୦ ରୁ ୧୫ ଦିନରେ ଅରୋ ଶେଷାଏଁ କାଟି ବିକ୍ରି କରିପାରିବେ।

ଅଳୁଆରେ ବିଭିନ୍ନ ପ୍ରକାର ଭିଟାମିନ୍ ଓ ଖଣିଜଦ୍ରବ୍ୟ ରହିଛି। ଏହା ସ୍ୱାସ୍ଥ୍ୟପ୍ରଦ ଓ ସ୍ୱାସ୍ଥ୍ୟପାଇଁ ହିତକର। ବଜାରରେ ବିଭିନ୍ନ ରଙ୍ଗର ଅଳୁଆ ମିଳୁଥିବାବେଳେ ଅଧିକ ଚାହିଦା ରହିଥାଏ ବୋଲି ଅଳୁଆ ଚାଷୀ ବିଜୟ ରାଉତ କହିଛନ୍ତି। ସେଥିପାଇଁ ଚାଷୀ ଅଳୁଆ ଚାଷ କରିବା ପାଇଁ ଏହାର ଉନ୍ନତ କିସମ ଚାଷରେ ଅଧିକ ଲାଭବାନ ହୋଇପାରିବେ। ଏବେ ଅଳୁଆର ଉନ୍ନତ କିସମ ବ୍ୟବହାର କରି ଚାଷ କରିବା ପାଇଁ ଏହାର ଉନ୍ନତ କିସମ ଚାଷରେ ଅଧିକ ଲାଭବାନ ହୋଇପାରିବେ। ଏବେ ଅଳୁଆର ଉନ୍ନତ କିସମ ବ୍ୟବହାର କରି ଚାଷ କରିଲେ ଏଥିରେ ଲୋକମାନଙ୍କ ଲାଭକାରୀ ଲାଭ ମଧ୍ୟ ମିଳୁଛି। ଯେଉଁ ଚୁଆଁଟି ସିଲ୍‌କେଜା କିସମ, କଳା ସାରେଜା କିସମ, ଅର୍ଣ୍ଣ ଶ୍ୟାମ, ଅର୍ଣ୍ଣ ମାଳ ମଣି କିସମ, ଅର୍ଣ୍ଣ କୃଷ୍ଣା, ଇତ୍ୟାଦି ବ୍ୟବହାର କରିପାରିବେ।

ଦୁଆଁଟି ସିଲ୍‌କେଜ କିସମ ବ୍ୟବହାର କରିବା ଦ୍ୱାରା ଶୀଘ୍ର ପରିଣତ ହୁଏ। ଫଳ ଦେଖି ନରମ ରହିଥାଏ। ଏହାର ଦାନା ଛୋଟ ଏବଂ ମଧ୍ୟମ ଆକାର ହୋଇଥାଏ। ଏହି କିସମ ଅଳୁଆରେ ଅଧିକ ଜଳ ପ୍ରସ୍ତୁତ ପାଇଁ ବ୍ୟବହାର କରାଯାଏ। ସେହିପରି କଳା ସାରେଜା କିସମ ଅଳୁଆ ଚାଷ କରିବା ଦ୍ୱାରା ଏକକ୍ଷେତ୍ର ପ୍ରତି ୧୦ରୁ ୧୫ କ୍ୱିଣ୍ଟାଲ ଆୟ ମିଳିଥାଏ। ଏହାର ଆକାର ମଧ୍ୟ ମଧ୍ୟମ।

ଅର୍ଣ୍ଣ ଶ୍ୟାମ୍ କିସମ ଅଳୁଆ ଅଣ୍ଡାକୃତି ହୋଇଥାଏ। ଏଥିରେ ରୋଗପ୍ରତିରୋଧକ ଗୁଣ ଥିବାରୁ ଏହି କିସମ ଚାଷ କରିବା ଦ୍ୱାରା ଅଧିକ ମାତ୍ରାର ରୋଗପୋକ ଲାଗିବାର ଭୟ ନ ଥାଏ। ସେହିପରି ଅର୍ଣ୍ଣ କୃଷ୍ଣା କିସମ ବେଶୁର ପ୍ରତି ଏମ୍‌ଟାଗତ ହୋଇଥାଏ। ଏହା ମଧ୍ୟ ଦୂର ଜଳାଭାବ ପାଇଁ ବେଶୀ ଉପଯୁକ୍ତ।

ଚାଷୀଙ୍କ ଚିନ୍ତା

ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ତ୍ତମାନ ରାଜ୍ୟରେ ଧାନର ବୁଣାବୁଣି କାର୍ଯ୍ୟ ଜାରି ରଖନ୍ତୁ।
- ବଜାର ଓ ଅଞ୍ଚଳ ସମୟରେ ଶୀତଦିନିଆ ଫସଲରେ ଜଳ ସିଞ୍ଚନ କରନ୍ତୁ।
- ବର୍ତ୍ତମାନ ପନିପରିବା ଚାଷ ରୋପଣରେ, ଗାଜରରେ ଧନ୍ୟ ଡାଉନାଡ୍ରାରୁ ରକ୍ଷା ପାଇବା ପାଇଁ ଗାଛିରେ ଚାଷିକୁ ଦୁଇଥରେ ଯୋଡ଼ାଇ ଦିଅନ୍ତୁ।
- ଯେଉଁ ସମସ୍ତେ ଚେରିଗୋଲାରୁ ଦୋଗେଷ୍ଟ ପାଣି ଦ୍ୱାରା ଜଳସେଚନ ଏବଂ ଠିଆ ପାଣି ଜାତି ଦେଇ ମାଟିକୁ ଓଦା ରଖନ୍ତୁ।
- ସୂର୍ଯ୍ୟମୁଖୀ ଫସଲ ବର୍ତ୍ତମାନ ୨-୩ରୁ ୩ ଦିନ ଅବଧିରେ ଅଛି। କୋଡ଼ାଖୋଳା କରି ଘାସ ବାଛି ଯଥେଷ୍ଟାରଜନ ସୂଚ ସାରକୁ ପ୍ରୟୋଗ କରନ୍ତୁ।
- ଆଖୁ ଫସଲକୁ ଜମି ପରମ୍ପରାରୁ ଏକ ଲମ୍ବ ଚକଲୁ, ଅଯୋଗିକି ମାଟି ଲଗେଇକୁ ଖୁଣ୍ଡା ନଦେଖାଇବ ନାହିଁ, ସେହିପରି ଜାତିରେ ମୁଡ଼ି ଆଖୁ ଭଲ ଭଳା ହୁଏ, ଭଲ ସଂଖ୍ୟା ଠିକ୍ ଭାବେ ଓ ଆକାର ଠିକ୍ ମିଳେ।
- ଶୀତଦିନେ ମାଛ ଦେବେଳେ ଦହକ, ଜାଳୁଆ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ। ନିରାକରଣ ପାଇଁ ଏହର ପୋଖରୀ ପ୍ରତି ସିଟାଫ୍ @ ୪୦୦ ମିଲି ୪୦ ଲିଟରରେ ମିଶାଇ ବିଶୋଧନ କରନ୍ତୁ।
- ଗୁଡ଼ାକରର ଏବଂ ଚଟଣୀକୁ ଅଧିକ ସମୟ ପର୍ଯ୍ୟନ୍ତ ଓଦା ତଥା ଥଣ୍ଡା ରଖିବୁ ନାହିଁ। ଜୁଳୁଥିବା ଘରେ ଉତ୍ତାପ ବଢ଼ାଇ ଉଚିତ୍ ଲୁଣ୍ଡ ହିଟର ଲଗାନ୍ତୁ।

ଛେଳିଛୁଆଙ୍କ ମୃତ୍ୟୁହାର ରୋକିବାର ସହଜ ଉପାୟ

ଆମ ରାଜ୍ୟର ଯେତେକ ଚାଷୀ ବିଭିନ୍ନ ଶସ୍ୟ ଓ ପରିପରିବା ଚାଷ ସହିତ କୁକୁଡ଼ା ଓ ଛେଳି ପାଳନ କରି ଜୀବିକା ନିର୍ବାହ କରନ୍ତି। ତେଣୁ ଲାଭଜନକ ଛେଳିପାଳନରେ ଛେଳି ଛୁଆମାନଙ୍କର ମୃତ୍ୟୁହାର ରୋକିବା, ଜନ୍ମରୁ ତିନିମାସ ମଧ୍ୟରେ ସେମାନଙ୍କୁ ବଞ୍ଚାଇ ରଖିବା, ଉପଯୁକ୍ତ ସମୟରେ ନିର୍ଦ୍ଦିଷ୍ଟ ଓଜନ କରି ସେମାନଙ୍କୁ ବିକ୍ରି କରିବା ଆଦି ବିଷୟ ଛେଳି ପାଳକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ତେଣୁ ଛେଳି ଛୁଆମାନଙ୍କର ଖାଦ୍ୟ ପରିଚାଳନା ଠିକ୍ ଭାବରେ କରି ଛେଳି ପାଳକ ଲାଭବାନ ହୋଇପାରିବେ। ଏଥିପାଇଁ ସେମାନଙ୍କୁ ଛେଳିଛୁଆମାନଙ୍କର ଜନ୍ମଠାରୁ ଏକ ବର୍ଷ ବୟସ ପର୍ଯ୍ୟନ୍ତ ଖାଦ୍ୟ ପରିଚାଳନା ଉପରେ ବିଶେଷ ଭାବେ ଧ୍ୟାନ ଦେବାକୁ ହୁଏ।

ଡା. ନିରାଜାର ଜେନା

- ଛେଳିଛୁଆମାନଙ୍କର ଖାଦ୍ୟ ପରିଚାଳନାକୁ ଦୂର ଭାବରେ ବିଚାର କରାଯାଉଛି। ଯଥା ଜନ୍ମରୁ ତିନିମାସ ପର୍ଯ୍ୟନ୍ତ ଓ ତିନିମାସରୁ ଏକ ବର୍ଷ ପର୍ଯ୍ୟନ୍ତ।
- ପ୍ରଥମରେ ଜନ୍ମରୁ ତିନିମାସ ମଧ୍ୟରେ ତଥା ଛେଳିଛୁଆ ଜନ୍ମ ହେବା ପରେ ତାକୁ ଛେଳିର ବକ୍ଷସ୍ଥାରେ ଖାଇବାକୁ ଦେବା ଉଚିତ। ଏହାଦ୍ୱାରା ଛେଳିଛୁଆର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ
- ଜନ୍ମରୁ ତିନିଦିନ ପର୍ଯ୍ୟନ୍ତ ମା' ଛେଳିର ଖାଗରେ ଗୋଲୋଷ୍ଟ୍ରମ୍ ଥାଏ। ତେଣୁ ତିନଦିନ ପର୍ଯ୍ୟନ୍ତ ଛେଳିଛୁଆକୁ ଦିନକୁ ୩୦୦ମିଲି ଜଷ୍ଟସ୍ଥାର ତିନିଦିନ ପର୍ଯ୍ୟନ୍ତ ଖାଇବାକୁ ଦେବା ଉଚିତ।
- ଛେଳିଛୁଆର ୪ରୁ ୧୪ ଦିନ ପର୍ଯ୍ୟନ୍ତ ଦୈନିକ ୩୫୦ ମିଲି ଖାଗ ଖାଇବାକୁ ଦେବା ଉଚିତ।
- ଛେଳିଛୁଆମାନଙ୍କୁ ୨୫ରୁ ୩୦ ଦିନ ପର୍ଯ୍ୟନ୍ତ ଦୈନିକ ୩୫୦ ମିଲି ଖାଗ ଖାଇବାକୁ ଦେବା ଉଚିତ।
- ଛେଳିଛୁଆମାନଙ୍କୁ ୨୫ରୁ ୩୦ ଦିନ ପର୍ଯ୍ୟନ୍ତ ଦୈନିକ ୩୫୦ ମିଲି ମା' ଖାଗ ପିଇବାକୁ ଦେବା ଉଚିତ।
- ଛେଳିଛୁଆମାନଙ୍କୁ ୨୫ରୁ ୩୦ ଦିନ ପର୍ଯ୍ୟନ୍ତ ଦୈନିକ ୩୫୦ ମିଲି ମା' ଖାଗ ପିଇବାକୁ ଦେବା ଉଚିତ। ୩୧ରୁ ୬୦ ଦିନ ପର୍ଯ୍ୟନ୍ତ ଦୈନିକ ୪୦୦ ମିଲି କରି ମା' ଖାଗ ପିଇବାକୁ ଦେବା ସହ ୧୦୦ରୁ ୧୫୦ ଗ୍ରାମ୍ ଦାନା ଖାଇବାକୁ ଦେବା ଉଚିତ। ୬୦ରୁ ୯୦ ଦିନ ପର୍ଯ୍ୟନ୍ତ ୩୦୦ ମିଲି ମା ଖାଗ ସହ ୨୦୦ରୁ ୨୫୦ ଗ୍ରାମ୍ କୁଦିପଦାନା ଖାଇବାକୁ ଦେବା ଉଚିତ।
- ଦିନିକୁ ଏକଦର୍ଶ ପର୍ଯ୍ୟନ୍ତ ଛେଳିଛୁଆର ଓଜନ ବଢ଼ିଥାଏ। ତେଣୁ ନିୟମିତ ଦୈନିକ ୮ ପଣ୍ଡା ଚରିପାଦ ଛାଡ଼ିବା ସହ ୧୦୦ରୁ ୨୦୦ ଗ୍ରାମ୍ ମିଶ୍ରିତ ଦାନା ଦେବା ଦରକାର। ଏହି ଉପାୟରେ ଛେଳି ଛୁଆର ଖାଦ୍ୟ ପରିଚାଳନା କରେ ଛେଳିଛୁଆ ବଢ଼ି ଭଲ ମାଛ ଛେଳି ଥେବା ସହ ଅଧିକା ଛେଳିମାନଙ୍କୁ ଉପଯୁକ୍ତ ବଜାରମାରେ ବିକ୍ରି କରାଯାଇପାରିବ।

-ଦୂର ପ୍ରାଣୀ ଚିକିତ୍ସା ଅଧିକାରୀ, ଚିତ୍ରିଟି, ନବୁରୁ

ଅବସର ପରେ
ସେଓ ଚାଷ

ଲିନାମିନ - ସି, ଲ, ଡି-୩ ଏବଂ ଆଣ୍ଟିଅକ୍ସିଡାଣ୍ଟ ମୁଣ୍ଡରେ ଲଗମୂଳ ସେଓ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୁଏ। ଯଦିଓ ଜମ୍ମୁକାଶ୍ମୀର ଓ ହିମାଚଳ ପ୍ରଦେଶରେ ଅଧିକ ସେଓ ଚାଷ କରାଯାଇଥାଏ, ଏବେ କିନ୍ତୁ ଉନ୍ନତ ପ୍ରଣାଳୀରେ ଦେଶର ବିଭିନ୍ନ ସ୍ଥାନରେ ସେଓ ଚାଷ କରାଯାଇପାରୁଛି। ସେଓ ଚାଷ ଦ୍ୱାରା କେବଳ ଜଣେ ବ୍ୟକ୍ତି ଆର୍ଥିକ ଆତ୍ମନିର୍ଭରଶୀଳ ହୋଇପାରେ ତାହା କୁହେଁ, ବରଂ କୃଷିକାର୍ଯ୍ୟରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରେ ବୋଲି ପ୍ରମାଣିତ କରିଦେଖାଇଛନ୍ତି ପୁଣେ, ଲନ୍ଦାପୁରର ପ୍ରକାରର ଶରାବ। ଶିକ୍ଷକ ଚାକିରିରୁ ଅବସର ନେଇ ପ୍ରକାରର ସେଓ ଚାଷ କରିବାକୁ ମନ ବଳାଇଥିଲେ। ଆଉ ଏହି ଚାଷରେ ମଧ୍ୟ ସେ ସଫଳ ହୋଇଛନ୍ତି।

ଶିକ୍ଷକ ପଦରୁ ଅବସର ନେଇ କୃଷି କାର୍ଯ୍ୟରେ ମନ ବଳାଇଥିଲେ ପ୍ରକାରର। ତେଣୁ ସେ ପାରମ୍ପରିକ ପଦ୍ଧତିରେ ଚା

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୩ ଜାନୁଆରୀ ୨୦୨୫

ଗଣିତରେ ଶହେରୁ ଶହେ ଦଶ ନମ୍ବର

ସେବିନ କଲିକତା ଈଶ୍ୱର ଲେନ୍‌ର ସୁରେନ୍ଦ୍ର ନାଥ ଦୋଷ, ଉଚ୍ଚେତି ଅବସ୍ଥାରେ ଯେଉଁଦେବେଳେ , ତାଙ୍କ ପୁତ୍ର ଅଧ୍ୟୟନ କରୁଥିବା ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦେଖା କରିବାକୁ ଗଲେ,ତାଙ୍କ ମନରେ ଶତ ପ୍ରତିଶତ ଧାରଣା ଥିଲା ଯେ ଶିକ୍ଷକ ଭୁଲ୍‌ରେ ତାଙ୍କ ପୁତ୍ର ର ପରୀକ୍ଷା ମୂଲ୍ୟାୟନ କରିଛନ୍ତି ।କିନ୍ତୁ ତାଙ୍କୁ ଦେଖି ଦେଖି ଶିକ୍ଷକ ଯାହା କହିଲେ ତାହା ଶୁଣିବା ପରେ,ସେ ଅନୁଭବ କଲେ ତାଙ୍କ ପାଦ ଆଉ ମାଟିରେ ଲାଗି ନାହିଁ,ସେ ବୋଧହୁଏ ,ଆକାଶରେ ଉଡୁଛନ୍ତି । ଶିକ୍ଷକ କହିଲେ,ଆପଣ ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବେ ପୂର୍ଣଙ୍ଗଖ୍ୟା ୧୦୦ ରୁ ସେ ୧୧୦ ପାଇଲା କିପରି ?କିନ୍ତୁ ପ୍ରକୃତରେ ସେ ୨୦୦ ନମ୍ବର ପାଇବା କଥା ।ଧାର୍ଯ୍ୟ ସମୟ ଭିତରେ ଯେଉଁ ପ୍ରଶ୍ନର ଉତ୍ତର ଦେବା କଥା , ଗଣିତରେ ଦିଆଯାଇଥିବା ସମସ୍ତ ଅତିରିକ୍ତ ପ୍ରଶ୍ନ ଯାହା ଖଣ୍ଡିଏ ଗଣିତ ପ୍ରଶ୍ନ ପାଇଁ ଆଉ ଗୋଟିଏ ବିଜ୍ଞ ପ୍ରଶ୍ନ ଭାବରେ ଦିଆଯାଇଥାଏ,ସେ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବରେ ଦେଇ ପାରିଛି ।ଏ କଥା ଶୁଣି,ସେ ଘରକୁ ଆସି,ପୁଅକୁ କୁଣ୍ଢାଇ ପକାଇଲେ ,ଚକ୍ଷୁରୁ ଆନନ୍ଦାଶ୍ରୁ ବୋହିଯିଲା ,କହିଲେ ପୁଅରେ ତୁ ଭବିଷ୍ୟତରେ ନିଶ୍ଚୟ ଏ ଜାତିର ନାମ ରଖିବୁ ।ପ୍ରକୃତରେ ସେୟାହିଁ ହେଲା ।୧୯୨୪ ମସିହାରେ ଏହି ପିଲାଟି ପ୍ଲାଙ୍କଙ୍କ ତତ୍ତ୍ୱାବଳିକୁ ପାଠୋଥେ କରି ମ୍ୟାକସିଓେଲ୍‌ଙ୍କ ଇଲେକ୍ଟ୍ରୋମ୍ୟାନ ପରିଙ୍ଗଖ୍ୟାନକୁ ବଦଳାଇ ଏକ ବିଶେଷ ପରିଙ୍ଗଖ୍ୟାନାଶ୍ମରୀ ତତ୍ତ୍ୱ ପ୍ରଣୟନ କରିଥିଲେ ।"ଟ୍ରିଟିଶ ଜର୍ଣାଲ ଅଫ ଫିଜିକ୍ସ"ନାମକ ମାସିକ ପତ୍ରିକାରେ ଏହି ନିବନ୍ଧଟି ପ୍ରକାଶିତ ହେବା ପରେ,ସେ ବୈଜ୍ଞାନିକ ହିସାବରେ ଗାଢାରାଡ଼ି ପ୍ରସିଦ୍ଧି ଲାଭ କରିଥିଲେ ।ଏହି ଗୋବେଲ୍ ପୁରସ୍କାର ପ୍ରାପ୍ତ ସ୍ମନାମଧନ୍ୟ ପରାଥର୍ଥବିଜ୍ଞାନୀ ମ୍ୟାଡାମକ୍ୟୁରୀଙ୍କ ଅଧୀନରେ ଗବେଷଣା କରିବାକୁ ନିମନ୍ତ୍ରଣ ପାଇ ଜର୍ମାନ ଯାତ୍ରା କରିଥିଲେ । ସୁରେନ୍ଦ୍ରନାଥ ଦୋଷଙ୍କ ତ୍ରିରକ୍ଷରୁ ଜାତ ଛଅ ଗୋଟି ସନ୍ତାନ ମାନଙ୍କ ମଧ୍ୟରେ, ୧୮୯୪ ମସିହାଜାନୁୟାରୀ ମାସ ପହିଲା ଦିନ ଜାତ ଏହି ସନ୍ତାନଟି ଥିଲେ ତାଙ୍କର ଏକମାତ୍ର ଏବଂ ଜ୍ୟେଷ୍ଠ ପୁତ୍ର,ସତ୍ୟେନ୍ଦ୍ରନାଥ ଦୋଷ ।ଏକମାତ୍ର ପୁତ୍ର ସନ୍ତାନ ଭାବରେ ପରିବାର ମଧ୍ୟରେ ତାଙ୍କ ପ୍ରତି ଯତ୍ନ ଏବଂ ଭଉଣୀ ମାନଙ୍କ ଅତ୍ୟଧିକ ସ୍ନେହ ପାଇ ସେ ଭାରି ଏକ ଜିଦ୍‌ଆ ହୋଇଯାଇଥିଲେ ।ଈଶ୍ୱର ପ୍ରଦତ ସ୍ମରଣ ଶକ୍ତି ଯୋଗୁଁ,ସେ ବିଦ୍ୟାଳୟ ଠାରୁ ଶେଷ ପର୍ଯ୍ୟନ୍ତ କୌଣସି ଶ୍ରେଣୀରେ ପ୍ରଥମ ସ୍ଥାନ ବ୍ୟତୀତ ଦ୍ୱିତୀୟ ସ୍ଥାନକୁ ଖସି ନାହାନ୍ତି ।ଗଣିତରେ ତାଙ୍କର ବଷ୍ଠଶ ଏତେ ଅଧିକ ଥିଲା ଯେ,ବେଳେବେଳେ ତାଙ୍କୁ ଶିକ୍ଷାଦାନ କରୁଥିବା ଶିକ୍ଷକ ,ସମାଧାନ କରିପାରୁନଥିବା ଗଣିତ ତାଙ୍କଠାରୁ ବୁଝୁଥିଲେ ଏବଂ କହୁଥିଲେ ସତ୍ୟ ଆମେ ତୁମର ଗୁରୁ ହୁଅଁ,ତୁମେ ଆମର ଗୁରୁ ।କୌଣସି ଗଣିତର ସମାଧାନ ନହେବା ପର୍ଯ୍ୟନ୍ତ ,ସେ ଖାଇବା ପିଇବା ଭୁଲି ଯାଉଥିଲେ ।ଭଉଣୀ ମାନେ ଶ୍ରଦ୍ଧା ବଶତଃ ତାଙ୍କ ସାଙ୍ଗରେ ସବୁବେଳେ ଲାଗୁଥିବାରୁ,ସେ ଅନେକ ସମୟରେ ଆତ୍ମଗୋପନ କରୁଥିଲେ । ଏକଦା ସତ୍ୟେନ୍ଦ୍ର ଘରେ ନପାଇ,ତାଙ୍କ ଭଉଣୀ ମାନେ ଚାରିଆଡେ ଖୋଜିବା ପରେ ତାଙ୍କୁ ନପାଇ, କାନ୍ଦାକଟା ଆରମ୍ଭ କରିଦେବେଳେ କିଛି ସମୟ ପରେ ଘରର ଫାଟା ଉପରୁ ତାଳି ମାଡ ସହ ଏକ ଆନନ୍ଦର ଚିତ୍କାର ଶୁଭିଲା ।କୋକାହାଳକୁ ବୁଝେଇ ଯାଇ ସତ୍ୟ ଏକ କ୍ଷୀଣ୍ଣ ଗଣିତର ସମାଧାନରେ ବ୍ୟସ୍ତ ଥିଲେ,ସହଜ ସମାଧାନ ହୋଇଯିବା ପରେ ସେ ଆନନ୍ଦରେ ଚିତ୍କାର କରି ଉଠିଥିଲେ ।ତାଙ୍କ ଚିତ୍କାର ,ଭଉଣୀ ମାନଙ୍କୁ ତାଙ୍କ ଅବସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲା ।ସେମାନେ କ୍ରୋଧ ରେ ସତ୍ୟକୁ ଚଳକୁ ଓଲ୍ଟାଇ ଗାଳିଗୁଲଜ କରିବା ସହିତ,ତାଙ୍କ କାନ ମୋଡି ଦେଇଥିଲେ । ଏହା ସତ୍ୟଙ୍କୁ ଭୀଷଣ ଭାବରେ ମାନସିକ ଆଘାତ ଦେଇଥିଲା । ସେ କିଛି ଦିନ ପର୍ଯ୍ୟନ୍ତ ଭଉଣୀ ମାନଙ୍କ ସହିତ କଥାବାର୍ତ୍ତା ବନ୍ଦ କରି ଦେଇଥିଲେ ।ସତ୍ୟେନ୍ଦ୍ର ପ୍ରେସିଡେନ୍ସି କଲେଜ୍‌ରେ ବି.ଏସ୍.ସି ପଢିବା ସମୟରେ,ପ୍ରଖ୍ୟାତ ବ୍ୟକ୍ତିତ୍ୱ ମେଘନାଥ ଶାହାଙ୍କ ସଂସ୍ପର୍ଶରେ ଆସିଥିଲେ ।ଏହି ସଂପର୍କ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା ।ଏମ୍.ଏସ୍.ସି. ଶିକ୍ଷା ସମାପ୍ତି ପରେ ୧୯୧୬ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟର ,ଏକ ବିଜ୍ଞାନ ମହାବିଦ୍ୟାଳୟରେ ସେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ରୂପେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ ।ସେହି ସମୟରେ ବନ୍ଧୁ ମେଘନାଦ ଶାହାଙ୍କ ସହଯୋଗରେ, "ମ୍ୟାକସ୍ ପ୍ଲାଙ୍କଙ୍କ କାଂଟମ ତତ୍ତ୍ୱ ଓ ଆଲବର୍ଟଆଇନିଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱ"ନାମକ ଦୁଇଗୋଟି ଉପାବେଶ ତତ୍ତ୍ୱ ଆବିଷ୍କାର କରିଥିଲେ,ଯାହାକି ବିଂଶ ଶତାବ୍ଦୀରେ,ବିଜ୍ଞାନ ଜଗତରେ ଏକ ଯୁଗାନ୍ତକାରୀ ଏବଂ ଶ୍ରେଷ୍ଠ ତତ୍ତ୍ୱ ହିସାବରେ ପରିଗଣିତ ହେଲା ।ତାଙ୍କ ଦ୍ୱାରା ରଚିତ"ବଘଷ ଆଇନ୍‌ଷ୍ଟାଇନ୍ ଷ୍ଟାଟିସ୍ଟିକ୍ସ୍" ନିବନ୍ଧଟି ଆଇନ୍‌ଷ୍ଟାଇନ୍‌ଙ୍କ ଦ୍ୱାରା ଅନୁମୋଦିତ ହୋଇ,ଜର୍ମାନ ଦେଶର ଏକ ପ୍ରସିଦ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ହୋଇଥିଲା ।ବୈଜ୍ଞାନିକ ଗବେଷଣା ସାଙ୍ଗକୁ,ସାହିତ୍ୟ କ୍ଷେତ୍ରରେ ମଧ୍ୟ ,ସେ ତାଙ୍କର ପ୍ରତିଭା ପ୍ରଦର୍ଶିତ କରିଥିଲେ । ଜର୍ମାନୀ ଭାଷା ଶିକ୍ଷା ସାଙ୍ଗରେ,"ସବୁଜ ପତ୍ର" ନାମରେ ଏକ ସାହିତ୍ୟିକ ଅନୁଷ୍ଠାନ ତିଆରି କରିଥିଲେ, ଯାହାକି ସେ ସମୟର କଲିକତାରେ ଏକ ଅଗ୍ରଣୀ ସାହିତ୍ୟ ସଂସ୍ଥା ଭାବରେ କାର୍ଯ୍ୟ କରୁଥିଲା । "ବିଜ୍ଞାନ ପରିଚୟ ।ଷ୍ଟାନ ବିଜ୍ଞାନ"ନାମକ ଦୁଇଟି ବିଜ୍ଞାନ ପତ୍ରିକାର ସଂପାଦନା ଦାୟୀତ୍ୱ ମଧ୍ୟ,ସେ ବୁଝାଇଥିଲା ।କାର୍ଯ୍ୟରୀ ମଧ୍ୟରେ ସେ ବହୁତ ଅନୁଷ୍ଠାନ ଏବଂ ସରକାରଙ୍କ ଦ୍ୱାରା ସମ୍ମାନିତ ଏବଂ ସମ୍ବର୍ଦ୍ଧିତ ହୋଇଥିଲେ ।୧୯୪୮ ରେ ସେ "ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନସ୍"ର ଚେୟାରମ୍ୟାନ ରୂପେ ଅବସ୍ଥାପିତ ହୋଇ ,ଇନୋଚ୍ୟୋରେ ଭାରତର ପ୍ରତିନିଧିତ୍ୱ କରିଥିଲେ ।୧୯୫୬ ରୁ ୧୯୫୮ ବୁଦ୍ଧବର୍ଷ ବିଶ୍ୱଶାନ୍ତିର ଜୁଇଟି ଦାୟିତ୍ୱ ତୁଲାଇଥିଲେ । ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ଥିଲେ ।ବିଶିଷ୍ଟ ବୈଜ୍ଞାନିକ ଭାବରେ ,ମେଘନାଦ ସାହା ସ୍ପର୍ଶପଦକ ପାଇଥିଲେ ଏବଂ ଭାରତ ସରକାରଙ୍କ ଦ୍ୱାରା ପଦ୍ମଭୂଷଣ ଉପାଧି ପ୍ରାପ୍ତ ହୋଇଥିଲେ । ୧୯୫୬ ରୁ ୧୯୫୮ ବିଜ୍ଞାନ କ୍ଷେତ୍ରରେ ପାରିଦର୍ଶିତା ପାଇଁ ରାଜ୍ୟସଭାକୁ ମନୋନୀତ ହୋଇଥିଲେ । ୧୯୫୮ ରେ ତାଙ୍କୁ ନ୍ୟାସନାଲ୍ ପ୍ରଫେସର୍ ରୂପେ ସମ୍ମାନିତ କରାଯାଇଥିଲା । "ବଘଷ ଆଇନ୍‌ଷ୍ଟାଇନ୍ ଷ୍ଟାଟିସ୍ଟିକ୍ସ୍" ନିବନ୍ଧଟିର ପଚାଶ ବର୍ଷ ପୂର୍ତି ଉପଲକ୍ଷେ ୧୯୭୪ ମସିହା ଜାନୁୟାରୀ ୧୦ ତାରିଖ ଦିନ,ଏହି ମହାନ୍ ବୈଜ୍ଞାନିକଙ୍କୁ ସାରା ଦେଶରେ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । କିନ୍ତୁ ଦୁଃଖର କଥା ।ଏହାର ମାତ୍ର ଅଳ୍ପ କେତେଦିନ ପରେ ,ଫେବୃୟାରୀ ଚାରି ତାରିଖ ଦିନ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ, ଭାରତର ବିଜ୍ଞାନାକାଶରୁ ,ଏକ ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ ହୋଇଗଲା ।ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା , ଭାରତ ମାତାର ଏହି ସୁଯୋଗ୍ୟ ସନ୍ତାନ,ଶୋଇଗଲେ ଚିର ନିଦ୍ରାରେ ।ଆଜି ତାଙ୍କର ମହାପ୍ରୟାଣ ଦିବସରେ,ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରି, ତାଙ୍କ ପରି ପ୍ରତଭ ପ୍ରତିଭାଧାରୀ ବ୍ୟକ୍ତି, ଚାରନ୍ଧାର ଆମ ଦେଶ ମାତୃକାର କୋଳମଣ୍ଡନ କରନ୍ତୁ ,ଏହାହିଁ ଆମର ଈଶ୍ୱରଙ୍କ ନିକଟରେ ନିବେଦନ ।

'ବୋଉ' ଗୋଟେ ଶବ୍ଦ କି ଉଚ୍ଚାରଣ ନୁହେଁ । ଗୋଟେ ନିରବ ନିରୋଳା ଅନୁଭବ । ଗୋଟାଏ ପରିବ୍ୟାପ୍ତି । ଏ ଦୁଇଟି ଅକ୍ଷର ମୁହଁ କଥାରେ ନେ ?ପରିବି ଭାବ ପ୍ରକାଶ କରେ ତା' ଠାରୁ ଅଧିକ କରେ ହୃଦୟରେ । ସାରା ପୃଥିବୀରେ 'ବୋଉ' ଡାକର ପ୍ରତିଶବ୍ଦ ଅନେକ । ନାନା ଭାଷାରେ, ବିଭିନ୍ନ ସଂସ୍କୃତିରେ ଏ ଡାକ ଯେତେ ଅଲଗା ହେଲେ ବି ଆବେଦନ ସେଇ ଗୋଟିଏ । ସେ ହିଁ ଚରମ ଅନ୍ତଃଗଭୀର ପ୍ରଗାଢ । ପ୍ରତିଟି ପ୍ରାଣୀର ସୃଷ୍ଟି-ଭଦ୍ର । ମା' ନ ଥିଲେ ସୃଷ୍ଟି କାହିଁ ? ଯେ କଳୁଦିଏ, ସୃଷ୍ଟିରେରେ, ପାଲେ ଆମେ ତା'କୁ ଜ'ଣ କହୁ ? ସେ ତ ଈଶ୍ୱର ! ଦେଖୁ ଈଶ୍ୱର ମାଆ-ସ୍ୱରୂପ । ଗୋଟିଏ ପ୍ରସିଦ୍ଧ ସିନେମା ଗୀତ ଅଛି । ତା'ର ପ୍ରଥମ ପବତିର ଅର୍ଥ ହେଉଛି- 'ମୁଁ ତାକୁ ଦେଖିନି । ମାତ୍ର ଦେଖିବାର ଜ'ଣ ? ଆବଶ୍ୟକତା ଅଛି ? ଜନନୀ ମୋର ! ତୋର ସ୍ୱରୂପ ସେଇ ଭଗବାନଙ୍କର କଳେବର ଠାରୁ ଆଉ ଅଲଗା ଜ'ଣ ହୋଇଥିବ ?' ମା' କହ କି ବୋଉ କହ କି ଆଉ ଜ'ଣ କହ, ସେ ଯେ ଭଗବାନଙ୍କ ଭଳି ଉଦାର, କରୁଣାରେ ଭରା, ସ୍ନେହର ସାଗର, ଧେ ?ର୍ଯ୍ୟର ପାରାବାର, ସଦା ସନ୍ତାନର ଶୁଭକାରିଣୀ ସେଥିରେ ଦ୍ୱିମତ ହେବାର କିଛି ନାହିଁ । ଲଥାରେ ଅଛି ଈଶ୍ୱର ସବୁ ସ୍ଥାନରେ ଏକ ସମୟରେ ପହଁଚିପାରିବେ ନାହିଁ ବୋଲି ଏଇ ଜନନୀ ଜାତିଟିକୁ ତିଆରି କରିଛନ୍ତି । ଜନନୀକୁ କେବଳ ଈଶ୍ୱରଙ୍କ ସହ ସେ ତୁଳନା କରାଯାଇଛି ସେତିକି ନୁହେଁ, ସେଇଁ ସ୍ୱର୍ଗର ପରିକଳ୍ପନା ହୋଇଛି ତାହା ଏଇ ଗୋଟିଏ ନାମରେ ସମାହିତ । ସ୍ୱର୍ଗ ଠାରୁ ମଧ୍ୟ ସେ ଗରୀୟସୀ । 'ବୋଉ' ନାମର ମଧୁରତା ନିଆରା । ବିଶେଷକରି ଏ ନାମଟିରେ ଓଡ଼ିଆପଣ ସୁସ୍ପଷ୍ଟ । ଓଡ଼ିଶାର ସର୍ବତ୍ର ଏ ଡାକର ବ୍ୟବହାର ନାହିଁ ମାତ୍ର 'ବୋଉ' ଉଚ୍ଚାରଣରି ଓଡ଼ିଶା ଛଡ଼ା ଆଉ କେଉଁଠାରେ ଶୁଣିବାକୁ ମିଳେ ନାହିଁ । ମନରେ ଆସୁଥିବ ନାମରେ କ'ଣ ଅଛି , ଗୋଲାପକୁ ଯେଉଁ ନାମ ଦେବେକି ତା'ର ସୁଗନ୍ଧ ସେଇଭଳି ରହିବ । ଏ ଉକ୍ତି ସତ ହେଲେ ମାଟି ଗୁଣେ ଗୋଲାପର ରଙ୍ଗ , ରୂପ ଓ ସୁଗନ୍ଧରେ ଭିନ୍ନତା ଆସେ । ଠିକ୍ ସେଇଭଳି ଏ 'ବୋଉ' ଡାକର ଅନନ୍ୟତା । 'ବୋଉ', ଜନନୀ, ମା । 'ବୋଉ' ଡାକ କେବଳ ଆମ ଓଡ଼ିଶା ମାଟିରେ ଶୁଭେ । 'ମାଁ', 'ମାଆ', 'ମାମା', 'ମମି', 'ମେ ?ୟା', 'ମାତା', 'ମମ୍', 'ଆଈ' ଆଦି ଅନେକ ନାମ ଅଛି ଜନୁବାଡ଼ାର । ହିସାବ କରି ଦେଖାଯାଇଛି ଯେ 'ମମ୍' ଡାକରି ସାରା ବିଶ୍ୱରେ ଅଧିକତର ଭାବେ ପ୍ରଚଳିତ । ତା' ଚଳକୁ 'ମମି' । 'ବୋଉ' ଡାକଟି ଓଡ଼ିଶାର ସ୍ୱତନ୍ତ୍ର , 'ବୋଉ' ଡାକରେ ଓଡ଼ିଶାର ବାସ୍ତା । ଘର ଡିଆଁରି ବ୍ୟାଳ ବା ପିଠା ଭଳି 'ବୋଉ' ଉଚ୍ଚାରଣର ସୁଆଦ ଅଲଗା । ହଠାତ୍ ଏ ଡାକ, ମାଟି ସହ ଯୋଡ଼ିବେଇ ଆମକୁ । କେହି କେହି ହୁଏତ କହିପାରନ୍ତି, ନାଇଁ ନାଇଁ ଆମ ଆଡ଼େ ଏ କଥା ନାହିଁ, ଆମେ ଅଲଗା କରି ଡାକୁ । ସେ କଥା ଠିକ୍ । କଥା ହେଉଛି, ଆପଣ ଡାକୁଥିବା ନାଆଁଟି ଅନ୍ୟତ୍ର ବି ପ୍ରଚଳିତ । ହେଲେ 'ବୋଉ' ଡାକ ଓଡ଼ିଶାର ନିଜସ୍ୱ । 'ବୋଉ ଫାଉଣ୍ଡେସନ୍' ଏଇ କଥାଟିକୁ ମୂଳ କରି ଧରିଛି । ସେଇଥିପାଇଁ ବର୍ଷ ବର୍ଷ, ନୂଆ ସମ୍ବତ୍ସରର ଦ୍ୱିତୀୟ ଦିବସ ଜାନୁଆରି ୨ ତାରିଖରେ ପାଳନ କରି ଆସୁଛି 'ବୋଉ ଦିବସ', ?ବୋଉ ପାଇଁ ଦିନଟିଏ । 'ବୋଉ ସୁରଭି', 'ବୋଉ ଆବାହନୀ', 'ବୋଉ ପ୍ରାଣର ଉତ୍ସବ' । ଅନନ୍ୟ ଯେମିତି, ଅନୁପମ ସେମିତି । ଋଣ କଲେ ଶୁଝିବାକୁ ପଡ଼େ । ହେଲେ କିଛି କିଛି ଋଣ ଅଛି, ଯାହା କେହି କେବେ ଶୁଝି ନାହିଁ କି ଶୁଝି ପାରିବ ନାହିଁ । ସେ ଭିତରୁ ମାତୃଋଣ ସବୁଠାରୁ ଉଚ୍ଚରେ । ତା' ଋଣ କିଏ ଫେରାଇ ଦେଇ ପାରିବ ? ଯାହା କଲେ ବି ତାହା ନ୍ୟୂନ । ଶେଷ ଯାଏ ମଣିଷର ହୃଦୟରେ ଏ ଭାର ସିନ୍ଧୁକ ହୋଇ ରହିଥାଏ । ମଣିଷ, ଅମଣିଷ ସବୁ ଲେବରେ ଏ ଅନୁଭବ ଦୁର୍ବାର । 'ବୋଉ ଫାଉଣ୍ଡେସନ୍', ଭୁବନେଶ୍ୱର, 'ବୋଉ ଦିବସ' ପାଇ କେବଳ ମାତୃବନ୍ଦନାର କାର୍ଯ୍ୟକ୍ରମ କରୁନାହିଁ, ଆମ ଭିତରର ଅପସୃୟମାନ ଭାବପ୍ରବଣତାକୁ ଝୁଲ୍ ସୁନ୍ଦର ଭାବରେ ଉଜ୍ଜାବିତ ମଧ୍ୟ କରୁଛି । ଆଜିର ଯାନ୍ତ୍ରିକ ଯୁଗରେ ଯଦି କିଛି ଆମେ ଦ୍ରୁତ ଗତିରେ ହରାଇ ଚାଲିଛେ, ତାହା ହେଉଛି, ଭାବପ୍ରବଣତା, ଗମ୍ଭୀରତାଲ୍ ଚୋଖେଙ୍ଗ, ଭାବୋତ୍ସରଣର ଭାଗଫଳ । ଜଡ଼ବୋଧ, ଧନ, ସଂପତ୍ତି, କ୍ଷମତା, ପ୍ରତିପତ୍ତି କେ ?ଣସି ଭାବସୁଖର ଉତ୍ତାଙ୍କ ଅନୁଭବ ସହ କେବେ ବି ତୁଳନୀୟ ନୁହେଁ, ଭାବ ହିଁ ମଣିଷକୁ ମଣିଷ କରି ଦେଖେ, ଦେବତା କରେ । ଭାବ ହଟିଲେ ମଣିଷ ପଶୁ ପାଲଟେ । ହୁଏତ ଆଉ ତା'ର ଚରଳେ ନାହିଁ । ନାନ୍ଦନିକ ସୁଖ ଦୂରେଇ ଯାଏ । ଆଧ୍ୟାତ୍ମିକ ଅନୁଭବ ଅସମ୍ଭବ ହୋଇପଡ଼େ । ସୁଖ ଜୀବନ ପାଇଁ ବୁଜିବି କଥା ଲୋଡ଼ା । କୃତଜ୍ଞତା ଓ ଭାବମୟତା । ଏ ବୁଜ କଥା ମଣିଷକୁ ସଂଯୋଜିତ କରେ ପୁଣି ଉନ୍ନତିର କରେ । 'ବୋଉ' ଶବ୍ଦରେ ତାହା ଆସେ ଖଚିତ । 'ବୋଉ' ଭାବ ଏକ ଅମୃତଭାବ । ସେ ନିଜୁ ପାଣି ମାତ୍ର ତା' ଭିତ ?ର ସାତ ସାଗରର ଜଳ ସମାହିତ । ଗୋଟିଏ ଶବ୍ଦ ହେଲେ ସୀମାହୀନ ଭାବେ ପରିବ୍ୟାପ୍ତ । ଆଜିର ଏ 'ବୋଉ ଦିବସ' ଆମକୁ ଭାବମୟ କରୁ ଏବଂ କୃତଜ୍ଞ କରୁ । ଭଲ ମଣିଷ ହେବା ପାଇଁ ବାଟ ଦେଖାଉ ।

ଯୁଗେ ଯୁଗେ ଉତ୍କଳ

ବର୍ଷୀଣାଂ ଭାରତ ଶ୍ରେଷ୍ଠ, ଦେଶାନାଂ ଉତ୍କଳ ଶ୍ରୁତ୍ୟେ ଉତ୍କଳସ୍ୟ ସମୋଦେଶ, ଦେଶୋନାସ୍ତି ମହୀତଳେ ।" (ଜପିକ ସଂହିତା) ଉତ୍କଳୀୟ ସଂସ୍କୃତି ବାସ୍ତବିକ ଆପଣାର ମହନୀୟତାରେ ଦୀପ୍ତିମାନ । ଲକ୍ଷ୍ୟକଲେ ଦେଖାଯାଏ ଯେ, ଓଡ଼ିଶାର ପ୍ରାଚୀନ ସଂସ୍କୃତି ମୁଖ୍ୟତଃ ଆଦିବାସୀମାନଙ୍କ ଦ୍ୱାରା ପ୍ରଭାବିତ । ଓଡ଼ିଶାର ଆଦିମ ଅଧିବାସୀମାନେ ଥିଲେ ଶବର । ପରବର୍ତ୍ତୀ ସମୟରେ ଏଠାକୁ ଆସିଥିଲେ ଦ୍ରାବିଡ଼ । ଏହା ସହ ଓଡ଼ିଶାର ଉତ୍ତର ଦିଗରୁ ଆର୍ଯ୍ୟମାନେ ପ୍ରଥମେ ସମତଳ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ବହୁ ଆଦିମ ଅଧିବାସୀ ଜଙ୍ଗଲକୁ ସେମାନଙ୍କ ବାସସ୍ଥାନ ବାଛି ନେଇଥିବା ବେଳେ; ଅନେକ ବଣ୍ୟବାସୀ ସ୍ୱାଭାବ କରି ସେମାନଙ୍କ ସେବାକାରୀ ଭାବରେ ଜୀବନ ଅତିବାହିତ କରିଥିଲେ । ଏ ପରିପ୍ରେକ୍ଷୀରେ କହିପାରେ- ପ୍ରାଚୀନ ଓଡ଼ିଶା ଥିଲା ଜୈନ ଓ ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ । ପରବର୍ତ୍ତୀ ସମୟରେ ଏଠାରେ ଶୈବ, ଶାକ୍ତ ଓ ଗାଣପତ୍ୟଙ୍କ ପ୍ରଭାବ ପରିଲକ୍ଷିତ ହୋଇଥିଲା । କିନ୍ତୁ ଓଡ଼ିଶାର ରାଷ୍ଟ୍ରବେଦୀ ଭାବରେ ଶବର ପୁଜିତ ଜଗନ୍ନାଥ ପ୍ରତିଷ୍ଠା ଲାଭ କରିଥିଲେ । ସୌଭାଗ୍ୟର କଥା ଓଡ଼ିଶାର ଅବସ୍ଥିତି ହେଉଛି ଉତ୍ତର ଓ ଦକ୍ଷିଣ ଭାରତର କେନ୍ଦ୍ରବିନ୍ଦୁ । କେବଳ ଭୌଗୋଳିକ ବୃଷ୍ଟିରୁ ନୁହେଁ; ଭାଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଏହା ହେଉଛି ଉତ୍ତର ଓ ଦକ୍ଷିଣ ମଧ୍ୟରେ ଏକ ସେତୁ । ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା । ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ୍ୟ ଚେଷ୍ଟା କରିଥିଲେ । ଏହାର ପ୍ରମାଣ ନଥିଲେ । ଦେଖିବା ଯେ ଏଠାରେ ପ୍ରାକୃତ ଭାଷା ଓ ଏପରିକି ଗୌତମ ବୁଦ୍ଧ ଆପଣାର ଲବ୍‌ଧ ସତ୍ୟକୁ ଲୋକାନୁଭବର ସ୍ତରକୁ ଆଣିବା ଉଦ୍ଦେଶ୍ୟରେ ସେହି ପ୍ରାକୃତ ଭାଷାକୁ ମାଧ୍ୟମରୂପେ ଗ୍ରହଣ କରିଥିଲେ । ସେତେବେଳେ ସଂସ୍କୃତର ପ୍ରତିଷ୍ଠିତ ଅଭିମାନ ସହିତ ପ୍ରାକୃତକୁ ଅନେକ ସଂଗ୍ରାମ କରିବାକୁ ପଡ଼ିଥିଲା । ଜୈନ ଗୌତମ ବୁଦ୍ଧ ପ୍ରତିଷ୍ଠିତ ହେବା ସହ ପ୍ରାକୃତ ଭାଷା ପ୍ରତିଷ୍ଠିତ ହେଲା । ତତ୍ ସଂଗେ ସଂଗେ ବୁଦ୍ଧ ପ୍ରଚାରିତ ଧର୍ମ ମଧ୍ୟ ଲୋକପ୍ରିୟ ହେବାକୁ ଆରମ୍ଭ କରିଥିଲା । ଏସବୁ ଭିତରେ ବିଭାଷା ବୋଲି ପ୍ରୋଷିତ ହୋଇଥିବା ଓଡ଼ିଆ ପଣ୍ଡିତମାନଙ୍କ ଭାଷା; ଦେଶୀୟ ଶବ୍ଦ ସହ ଶାବରୀୟ ସଂଯୋଗରେ ଓଡ଼ୁ ଭାଷା ଭାବରେ ରୂପଲାଭ କରିଥିଲା । ଶାବରୀ ହେଉଛି ଏହି ଭୂମିର ମୂଳଭାଷା । ଯେଉଁ ଭାଷାର ଜଗତ୍ତା ଶବ୍ଦ ସଂପତ୍ତି ଜଗନ୍ନାଥର ରୂପ ଧାରଣ କରିଛି । ଏ ପରିପ୍ରେକ୍ଷୀରେ କହିପାରେ ଅନେକ ଆଲୋଚକ ପ୍ରାଚୀନ ଦ୍ରାବିଡ଼ ଭାଷାରେ ଲକ୍ଷ 'ଓଡ୍ର' ଅର୍ଥାତ୍ 'ପଳାୟନ କରୁଥିବା ଏକ ଯୂଥ' ମଧ୍ୟରେ ଓଡ଼ିଶାର ସତା ଖୋଜିଯାଇବେକେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡ୍ର' ଚ ଚାଷ କରୁଥିବା ଲୋକଙ୍କୁ 'ଓଡ୍କଲ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଆ ଉତ୍କଳକ

ନୀତେଶ ଗଙ୍ଗଦେବ ବିଜେପିରେ ଅଛନ୍ତି କି ନାହିଁ ଜନସାଧାରଣରେ ଚର୍ଚ୍ଚା ହେଲାଣି

ସମ୍ବଲପୁର,୨/୧(ନି/ପ୍ର): ନିର୍ବାଚନ ଜିତିବା ପରଠାରୁ ସମ୍ବଲପୁର ଲୋକସଭା ସାଂସଦ ନୀତେଶ ଗଙ୍ଗଦେବଙ୍କର ପ୍ରାୟତଃ ଦେଖା ମିଳୁନାହିଁ। ମଝିରେ କେତେକ ବ୍ୟକ୍ତି ସମ୍ବଲପୁର ଲୋକସଭା ସାଂସଦ ନିଖୋଜ ଥିବା ନେଇ କାନ୍ଥବାଡ଼ରେ ପୋଷ୍ଟର ଲଗାଇଥିଲେ । ଏବେ ସେ ବିଜେପିରେ ଅଛନ୍ତି କି ନାହିଁ ବୋଲି ଜନସାଧାରଣରେ ଚର୍ଚ୍ଚା ହେଲାଣି। ତାଙ୍କ ଫେସ୍‌ବୁକ୍ ପୋଷ୍ଟରୁ ଏଭଳି କିଛି ମନେ ହେଉଛି। ନୀତେଶଙ୍କ ନାମରେ ଥିବା ଫେସ୍‌ବୁକ୍ ଆକାଉଣ୍ଟରୁ ବିଜେଡି ସମର୍ଥନରେ ନିୟମିତ ବ୍ୟବଧାନରେ ବିଭିନ୍ନ ପୋଷ୍ଟ କରାଯାଉଥିବା ଦେଖିବାକୁ ମିଳୁଛି। ସେପରେ ବିଜେଡିର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କୁ ସମ୍ବଲପୁର ଲୋକସଭା କ୍ଷେତ୍ର ପାଇଁ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। ମାନସ ପର୍ଯ୍ୟବେକ୍ଷକ ନିଯୁକ୍ତ ହେବା ପରେ ନୀତେଶଙ୍କ ଫେସ୍‌ବୁକ୍ ଆକାଉଣ୍ଟରୁ ତାଙ୍କୁ ଅଭିନନ୍ଦନ ଜଣାଇ ଏକ ପୋଷ୍ଟ କରାଯାଇଛି। ମାନସଙ୍କ ଫଟୋ ବି ସେଥିରେ ରହିଛି। ଙ୍କରାଣ୍ଟୀ ଭାଷାରେ ହୋଇଥିବା ଏହି ପୋଷ୍ଟରେ ଅବଶ୍ୟ କେତେକ ଭାଷାଗତ ତ୍ରୁଟି ରହିଛି। ତେଣୁ ସେ ନିଜେ ଏହାକୁ ପୋଷ୍ଟ କରିଛନ୍ତି ନା ଆଉ କ'ଣ ସେ ବୁଝି ହେଉନି। ଦେବଗଡ଼ର ରାଜାସାହେବ ନୀତେଶଙ୍କ ଏହି ପୋଷ୍ଟରେ ରାଣୀ ଅରୁନ୍ଧତୀଦେବୀ ଓ ପୁଅ ନମନଙ୍କୁ ବି ଟ୍ୟାଗ୍ କରାଯାଇଛି। ଏଭଳି ପୋଷ୍ଟ ପଛରେ ନୀତେଶ ବିଜେଡିରୁ ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେବେ ସାଂସଦଙ୍କ ଏଭଳି ଆଭିମୁଖ୍ୟ ସତ୍ତ୍ୱେ ବିଜେଡି ନେତାମାନେ କେହି ମୁହଁ ଖୋଲୁନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ସାଧାରଣ ନିର୍ବାଚନରେ ନୀତେଶ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ନଳିନୀକାନ୍ତ ପ୍ରଧାନଙ୍କ ଠାରୁ ୯୧୬୨ ଭୋଟ ଅଧିକ ପାଇ ବିଜୟୀ ହୋଇଥିଲେ । ସେ ପ୍ରଥମ ଥର ସଂସଦରେ ପାଦ ଥାପିଥିଲେ । ତେବେ, ତାଙ୍କ ବିଜୟ ସହିତ ବିଜେପି ମଧ୍ୟ ଏକ ନୂଆ ରେକର୍ଡ କରିଥିଲା । ସମ୍ବଲପୁର ଲୋକସଭା ଆସନ ଇତିହାସରେ ପ୍ରଥମ ଥର ପାଇଁ ବିଜେପି ନିର୍ବାଚନ ଜିତିଥିଲା । ହେଲେ ଏବେ ତାଙ୍କ ବିରୋଧରେ ରହିଥିବା ଜନ ଅସନ୍ତୋଷ ଆଗାମୀ ନିର୍ବାଚନରେ ବିଜେପିକୁ ଅସୁବିଧାରେ ପକାଇ ପାରେ ବୋଲି ଆଲୋଚନା ହେଉଛି । ଏ ସଂକ୍ରାନ୍ତରେ ଆମ ଦେବଗଡ଼ ପ୍ରତିନିଧି ନୀତେଶଙ୍କ ସହିତ ଯୋଗାଯୋଗ କରିଥିଲେ । ସେ ଏହି ପୋଷ୍ଟ କରିନାହାନ୍ତି କି ଏଭଳି କିଛି ପୋଷ୍ଟ ହୋଇଥିବା ସଂକ୍ରାନ୍ତରେ ଜାଣିନାହାନ୍ତି ବୋଲି କହିଥିଲେ । ନୀତେଶ ଜାଣିଶୁଣି ପୋଷ୍ଟ କରିବା ପରେ ଏବେ ମନା କରୁଛନ୍ତି ନା ତାଙ୍କ ଅଜୋଡ଼ରରେ ଅନ୍ୟ କେହି ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟ ଚଳାଉଛି ତାହା ଅନୁସନ୍ଧାନସାପେକ୍ଷ ।

ଧନୁତୀର ନେଇ ଖେଳିବା ସମୟରେ ନାବାଳକ ଗୁରୁତର



ମାଲକାନଗିରି,୨/୧(ନି/ପ୍ର) : ସବୁ ଧନୁତୀର ନେଇ ଖେଳିବା ସମୟରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି । ମାଲକାନଗିରି ଜିଲା ମୁଦୁଲିପଡ଼ା ଥାନା ଅଧୀନ ଆନ୍ଧାଗୁଡା ଗ୍ରାମରେ ଘଟିଛି । ଭକ୍ତ ଗ୍ରାମର ଜଗନ୍ନାଥ ପୂଜାରୀଙ୍କ ପୁଅ ନନ୍ଦ ପୂଜାରୀ (୯) ଘରେ ଥିବା ଏକ ଧନୁତୀର ଆଣି ବାହାରେ ଖେଳୁଥିଲେ । ସେ ଧନୁରେ ତୀର ଯୋଡିବା ସମୟରେ ଅସାବଧାନତାରୁ ତାଙ୍କ ନାକ ପୁଡ଼ାରେ ତୀର ପଶି ଯାଇଥିଲା । ସେ ଚିତ୍ତାର କରି କାନ୍ଦିବାରୁ ପରିବାର ଲୋକେ ତୀରକୁ କାଢ଼ିବା ପାଇଁ ଚେଷ୍ଟା କରିଥିଲେ । ତୀରର ତୀକ୍ଷ୍ଣ ଲୁହା ପାତଟି ନାକରୁ ବାହାରି ନ ଥିଲା । ପରିବାର ଲୋକ ନନ୍ଦଙ୍କୁ ମାଲକାନଗିରି ଜିଲା ଚିକିତ୍ସାଳୟରେ ରବିବାର ରାତିରେ ଭର୍ତ୍ତି କରିଥିଲେ । ବିଶେଷଜ୍ଞ ଡା. ସପନ କୁମାର ଧୃଣ୍ଡା ଅସ୍ତ୍ରୋପଚାର କରି ତୀରକୁ ବାହାର କରିଥିଲେ ।

ନିଖୋଜ ଶିଶୁର ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

ସୋର,୨/୧(ନି/ପ୍ର): ବାଲେଶ୍ୱର ଜିଲ୍ଲା ସୋର ପୌରାଂଚଳ ରାଇପୁର ଗ୍ରାମରୁ ନିଖୋଜ ଅଢ଼େଇ ବର୍ଷର ଶିଶୁ ଶୁଭମର ମୃତଦେହ ପାଖାପାଖି ୨୪ ଘଣ୍ଟା ପରେ ଉଦ୍ଧାର କରାଯାଇଛି । ଆଜି ସକାଳୁ ଘର ନିକଟରେ ଥିବା ପୋଖରୀରୁ ଶୁଖାଯାଇଥିଲା । ହେଲେ ସେଠାରୁ ତାର ପତା ମିଳି ନଥିଲା । ହେଲେ ପୋଖରେ ଥିବା ଅନ୍ୟ ଏକ ଗଡ଼ିଆ ଭିତରୁ ଶୁଭମର ମୃତଦେହ ଉଦ୍ଧାର ହୋଇଛି । ତାର ବେକରେ କ୍ଷତ ଚିହ୍ନ ଥିବାରୁ ତାକୁ କେହି ହତ୍ୟା ଗଡ଼ିଆରେ ଫୀଙ୍ଗି ଦେଇଥିବା ଅନୁମାନ କରାଯାଉଛି । ହେଲେଣବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କଥା ଜଣାଯିବ । ସୂଚନାଯୋଗ୍ୟ, ଗତକାଲି ମଧ୍ୟାହ୍ନରେ ରାଇପୁର ଗ୍ରାମର ମୋହନ ସାହୁଙ୍କ ଅଢ଼େଇ ବର୍ଷର ଶିଶୁପୁତ୍ର ଶୁଭମ ଘର ନିକଟରେ ଖେଳୁଥିଲା । ଶୁଭମର ଭଉଣୀ ଶୋଭା ହେବାକୁ ଯାଇ ଫେରିବା ପରେ ଶୁଭମକୁ ଦେଖିବାକୁ ନ ପାଇ ଘର ଲୋକଙ୍କୁ ଡାକି ଥିଲେ । ପରେ ପରେ ବିଭିନ୍ନ ସ୍ଥାନରେ ଖୋଜିବା ସହିତ ଅପହରଣ କିମ୍ବା ଚୋରି ସନ୍ଦେହରେ ଜେଲ ଷ୍ଟେସନ,ବସଷ୍ଟାଣ୍ଡ ପଡ଼ିଶା ଘର ଆଦି ବିଭିନ୍ନ ସ୍ଥାନରେ ଖୋଜି ନିରାଶ ହୋଇ ସୋର ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ନିକଟରେ ଥିବା ଗୋଟିଏ ଗଡ଼ିଆ ଓ ବୁଢିଟି ପୋଖରୀ ସମେତ ଭିନ୍ନ ଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ମାତ୍ର ଏପର୍ଯ୍ୟନ୍ତ ଶିଶୁ ପୁତ୍ରର କୌଣସି ଖବର ମିଳିନଥିଲା ।

ଛତିଶଗଡ଼ଠୁ କିଛି ଶିଖିପାରିଲାନି ଓଡ଼ିଶା : ନିଜେ ନସଂଚି ଅନ୍ୟଙ୍କୁ ଦୋଷ

ସମ୍ବଲପୁର,୨/୧(ନି/ପ୍ର): ଓଡ଼ିଶାର ଜୀବନରେଖା ମହାନଦୀ। ଛତିଶଗଡ଼ ରାଜ୍ୟ ଦେଇ ମହାନଦୀ ୪୫୦ କିଲୋମିଟର ପ୍ରବାହିତ ହୋଇଛି। ଓଡ଼ିଶା ମାଟିରେ ୪୦୧ କିଲୋମିଟର ଦୂର ବହିଯାଇଥିବା ମହାନଦୀ ଉପରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ନିର୍ଭର କରୁଛି। ବର୍ଷର ଅଧିକାଂଶ ସମୟ ମହାନଦୀ ଏବେ ପ୍ରାୟତଃ ଶୁଖିଲା ପଡୁଥିଲେ ବି ଓଡ଼ିଶା ସରକାର ଛତିଶଗଡ଼ ଭଳି ଜଳ ସଂରକ୍ଷଣ ପ୍ରତି ଗୁରୁତ୍ୱ ଦେଉନଥିବା ମନେ ହେଉଛି। ୨୦୧୬ ମସିହାରେ ଛତିଶଗଡ଼ ମହାନଦୀ ଉପରେ ନିଜର ଶେଷ ବ୍ୟାରେଜ କଲ୍‌ମା ବ୍ୟାରେଜ ନିର୍ମାଣ କାମ ସାରିବା ପରେ ଓଡ଼ିଶାକୁ ମହାନଦୀ କଥା ମନେ ପଡ଼ିଥିଲା। ତେବେ, ଏହା ପୂର୍ବରୁ ଛତିଶଗଡ଼ ମହାନଦୀରେ ଆହୁରି ୫ଟି ବ୍ୟାରେଜ ନିର୍ମାଣ କରିସାରିଥିଲା। ଛତିଶଗଡ଼ ନିଜ ରାଜ୍ୟର ସ୍ୱାର୍ଥ କଥା ଚିନ୍ତା କରିବା ସ୍ୱାଭାବିକ। ଓଡ଼ିଶା ନଭେମ୍ବର ୨୦୧୬ ମସିହାରେ ମହାନଦୀ ଜଳ ବ୍ୟବହାରକୁ ନେଇ ଛତିଶଗଡ଼ ବିରୋଧରେ କେନ୍ଦ୍ର ସରକାରଙ୍କ ଦ୍ୱାରସ୍ଥ ହୋଇଥିଲା। ଗତ ୨୦୧୭ ମସିହାରେ ଗଠିତ କେନ୍ଦ୍ର ସରକାରଙ୍କ ଆପୋସ ବୁଝାମୁଣା ପାଇଁ କମିଟି ବିଫଳ ହୋଇଥିଲା । ଏପ୍ରିଲ ୨୦୧୮ ରେ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଗଠନ କରିଥିଲେ । ଇତିମଧ୍ୟରେ ୭ ବର୍ଷ ଅତିକ୍ରାନ୍ତ ହୋଇଥିଲେ ବି ସମାଧାନର ସୂତ୍ର ଫିଟି ନାହିଁ। ଓଡ଼ିଶା ସରକାର ଚାହିଥିଲେ ଏହି ଅବଧି ମଧ୍ୟରେ ଅନ୍ୟୁନ ୧୦ଟି ଏଲଜି ପ୍ରକଳ୍ପ (ଲିफ्ट୍‌ମ୍ ଷ୍ଟୋରେଜ୍) ନିର୍ମାଣ କରିସାରିଥାନ୍ତେ। ଏଲଜି ପ୍ରକଳ୍ପରେ ବିସ୍ଥାପନ ସମସ୍ୟା ନାହିଁ କିମ୍ବା ବଡ଼ ବଜେଟର ବି ଆବଶ୍ୟକତା ନାହିଁ। ପ୍ରାୟ ୧ କିଲୋମିଟର ୯୮ ମିଟର ଦୈର୍ଘ୍ୟ ତଥା ୫୦.୩୯ ଏମ୍‌ସିଏମ୍ ଜଳଧାରଣ କ୍ଷମତା ବିଶିଷ୍ଟ ଜଲମା ବ୍ୟାରେଜ ନିର୍ମାଣରେ ଛତିଶଗଡ଼ ସରକାର ମାତ୍ର

୧୮୨.୦୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଓଡ଼ିଶା ନିଜ ଭାଗର ମହାନଦୀ ଜଳର ସଦୁପୋଯୋଗ କରିନପାରି ସମୁଦ୍ରକୁ ଛାଡ଼ି ଦେଉଥିବା ଛତିଶଗଡ଼ ଅଭିଯୋଗ କରିଆସୁଛି । ଏହାର କେତେକାଂଶରେ ସତ୍ୟତା ବି ରହିଛି। ଅଣମୌସୁମୀ ଋତୁରେ ଜଳ ସଂରକ୍ଷଣ ନିମନ୍ତେ ଓଡ଼ିଶା ମହାନଦୀରେ କମ୍ ଉଚ୍ଚତାର ବ୍ୟାରେଜ୍(ଲିफ्ट୍‌ମ୍ ଷ୍ଟୋରେଜ୍) ନିର୍ମାଣ କରିବାର ଆବଶ୍ୟକତା ରହିଛି। ଏଭଳି ହେଲେ, ଅଣମୌସୁମୀ ସମୟରେ ମହାନଦୀ ଜଳପୂର୍ଣ୍ଣ ରହିବ। ଆଖପାଖ ଅଂଚଳର ଭୂଗର୍ଭ ଜଳସ୍ତର ବଢ଼ିବା ସହିତ ଲୋକଙ୍କୁ ଆଉ ଗ୍ରୀଷ୍ମଦିନେ ଜଳକଷ୍ଟ ଭୋଗିବାକୁ ପଡ଼ିବ ନାହିଁ। ନବୀନ ଉଭୟ ପାର୍ଶ୍ୱରେ ଉଠା ଜଳସେଚନ ମାଧ୍ୟମରେ ରବି ଧାନ ତଥା ପରିବା ଚାଷ ବି ହୋଇପାରିବ । ଏହା ଦ୍ୱାରା ପର୍ଯ୍ୟାବରଣ ମଧ୍ୟ ସନ୍ତୁଳିତ ହେବ । ଜଳ ସଂପଦ ବିଭାଗର ଅବସରପ୍ରାପ୍ତ ସବୋର୍ଡିନେଟ୍ ଯନ୍ତ୍ରୀ ରବୀନ୍ଦ୍ର ପଣ୍ଡା କହିଛନ୍ତି, ୧୯୫୮-୨୦୨୨ ମସିହା ମଧ୍ୟରେ ଅଢ଼ୋକାବରେ ବିଦ୍ୟୁତ୍ ଉତ୍ପାଦନ ପରେ ହାରାହାରି ୧୪୩୦ କ୍ୟୁସେକ୍ ଜଳ ପାଣ୍ଡାରୁ ଚ୍ୟାନେଲରୁ ମହାନଦୀକୁ ପ୍ରବାହିତ ହୋଇଥାଏ । ମହାନଦୀରେ ୪ ମିଟର ଉଚ୍ଚ ବିଶିଷ୍ଟ ଗେଟ୍ ଥାଇ ନିର୍ମିତ ଗୋଟିଏ ପ୍ରକଳ୍ପରେ ଜଳଧାରଣ କ୍ଷମତା ପାଖାପାଖି ୦.୦୧୪୦ ନିୟୁତ ଏକର ଫୁଟ ହେବ। ହାରାହାରି ୭୫୦୦ କ୍ୟୁସେକ୍ ହାରରେ ଜଳ ସଂରକ୍ଷଣ କରାଗଲେ ପାଖାପାଖି ୨୪ ଘଣ୍ଟା ମଧ୍ୟରେ ଗୋଟିଏ ପ୍ରକଳ୍ପ ଭର୍ତ୍ତି ହୋଇଯିବ । ଅକ୍ଟୋବର ପ୍ରଥମ ୧୦ ଦିନ ମଧ୍ୟରେ ଏଭଳି ୧୦ଟି ପ୍ରକଳ୍ପରେ ଜଳ ଭର୍ତ୍ତି କରାଯାଇପାରିବ । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ତଥା ଅପର ମହାନଦୀ ବେସିନ୍‌ର ପରିଚାଳକ ଆନନ୍ଦ ସାହୁଙ୍କୁ ପଚାରିବାରୁ ମହାନଦୀର ଚଳମୁଣ୍ଡରେ ଦେଓଗାଁ, କପାସିରା, ଗୋଧନେଶ୍ୱର, ବଣିଆ, ଖଇରମାଳ ଆଦି ୫ଟି ଜାଗାରେ ବ୍ୟାରେଜ ନିର୍ମାଣ ପ୍ରସ୍ତାବ ରହିଛି ବୋଲି କହିଛନ୍ତି ।

ଚିକିତ୍ସା ଅବହେଳାରୁ ଚାଲିଗଲା ଅଟୋ ଚାଳକଙ୍କ ଜୀବନ

ଝାରସୁଗୁଡ଼ା,୨/୧(ନି/ପ୍ର): ପୁଣିଥରେ ଚିକିତ୍ସା ଅବହେଳାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆହତଙ୍କ ମୃତ୍ୟୁ ଅଭିଯୋଗ ହୋଇଛି । ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ଆଜି ସକାଳ ୬ଟାରେ ଏୟାରପୋର୍ଟ ଆନା ଅର୍ଡର୍‌ରେ ଚାଳପଟିଆ ଜଳ ନିକଟରେ ଟ୍ରେଡ୍ ଡାଉନ୍ ହୋଇଥିବା ଟ୍ରକର ପଛରେ ଏକ ଅଟୋ ଧକ୍କା ହୋଇ ଯାଇଥିଲା । ଏହି ଘଟଣାରେ ଅଟୋ ଚାଳକ ସ୍ଥାନୀୟ କଦରସ୍ଥାନ ପଡ଼ାର ଗୋବିନ୍ଦ ସାହୁ(୩୭) ଗୁରୁତର ଆହତ ହୋଇଥିଲେ । ପୁଲିସ୍ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ

ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଗୋବିନ୍ଦଙ୍କୁ ହସ୍ପିଟାଲରେ କେବଳ ପଟି ବାନ୍ଧି ଦିଆ ଯାଇଥିବା ବେଳେ ଅକ୍ସିଜେନର ଆବଶ୍ୟକତା ଥାଇ ମଧ୍ୟ ତାହା ଦିଆ ଯାଇନଥିଲା । କେବଳ ସେତିକି ନୁହେଁ ବଙ୍ଗ ଗୋବିନ୍ଦଙ୍କୁ ଚିକିତ୍ସା ପାଇଁ କେହି ଡାକ୍ତର ଓ ନର୍ସ ବି ଆସିନଥିଲେ । ଫଳରେ ଶଯ୍ୟାରେ ଛଟପଟ ହୋଇ ସକାଳ ୯ଟାରେ ଗୋବିନ୍ଦଙ୍କର ମୃତ୍ୟୁ ହୋଇଥିଲା ।

ନୂଆବର୍ଷ ରେ ଜିଲ୍ଲାସ୍ତରୀୟ ଅଧିକାରୀ ଙ୍କ ରେଡ଼କ୍ରସ ପାଣ୍ଠିକୁ ଦାନ

ନବରଙ୍ଗପୁର,୨/୧(ନି/ପ୍ର): ଗରିବ, ଅସହାୟ, ବିବ୍ୟଙ୍ଗ ଅର୍ଥ ଅଭାବରୁ ରୋଗଶଯ୍ୟାରେ ପୀଡିତ,ଦୁର୍ଘଟଣା ଗ୍ରସ୍ତ ଲୋକମାନଙ୍କର ଜରୁରୀ ଜୀବନ ସେବା ପାଇଁ ଜିଲ୍ଲାପ୍ରଶାସନ ତରଫରୁ ଜିଲ୍ଲା ରେଡ଼କ୍ରସ ପାଣ୍ଠି ରୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ । ଜହିବାକୁ ଗଲେ ଜରୁରୀଜୀବନ ପରିସ୍ଥିତି ରେ ସମାଜ ସେବା ରେ ବିଧାୟକଙ୍କ ରେଡ଼କ୍ରସ ପାଣ୍ଠି ଲୋକଙ୍କ କାମରେ ଲାଗିଥାଏ । ଆଜି ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ନବବର୍ଷ ପାଳନ ଅବସରରେ ଜିଲ୍ଲାର ଦୁଇ ଜଣ ବରିଷ୍ଠ ଅଧିକାରୀ ଜିଲ୍ଲା ରେଡକ୍ରସ ପାଣ୍ଠିକୁ ମୁକ୍ତ ହସ୍ତରେ ଦଶ ହଜାର ଟଙ୍କା ରେ ରେଡ୍ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଡକ୍ଟର କମକ ଲୋଚନ ମିଶ୍ର ଙ୍କୁ ପ୍ରଦାନ କରିଛନ୍ତି । ସେମାନେ ହେଲେ ଜିଲ୍ଲା ମୁଖ୍ୟ ପ୍ରାଣିଧନ ଚିକିତ୍ସା ଅଧିକାରୀ ଡା ରାଧେଶ୍ୟାମ ଲାଏକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଶ୍ରୀମତୀ ଗୁହା ହେଉଛନ୍ତି ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଶ୍ରୀ ଲାଏକ୍ ଙ୍କ ଧର୍ମପତ୍ନୀ । ନବବର୍ଷ ରେ ସମାଜ ର ସେବା ରେ ଲାଗିବା ପାଇଁ ଜିଲ୍ଲା ରେଡ଼କ୍ରସ ପାଣ୍ଠିକୁ ମୁକ୍ତ ହସ୍ତରେ ଦଶ ହଜାର ଟଙ୍କା ଦାନ କରିଥିବାରୁ ଏହି ଦୁଇ ଜଣ ଜିଲ୍ଲା ଅଧିକାରୀ ଙ୍କୁ ଜିଲ୍ଲାପାଳ ଡଃ ମିଶ୍ର ନବବର୍ଷ ର ଶୁଭେଚ୍ଛା ସହ ଧନ୍ୟବାଦ୍ ଜଣାଇଥିଲେ । ଏହି ଅବସରେ ଜରୁରୀକାଳୀନ ପରିସ୍ଥିତି ରେ ସମାଜର ଲୋକଙ୍କ ହିତରେ ରେଡ଼କ୍ରସ ପାଣ୍ଠି ଖର୍ଚ୍ଚ ହେଉଥିବା ରୁ ଜିଲ୍ଲା ରେଡ଼କ୍ରସ ପାଣ୍ଠିକୁ ଦବାନ୍ୟ ବ୍ୟକ୍ତି ବିଶେଷ ମୁକ୍ତ ହସ୍ତରେ ଦାନ କରିବା ପାଇଁ ଜିଲ୍ଲାପାଳ ଡଃ ମିଶ୍ର ଆହ୍ୱାନ ଦେଇଥିଲେ ।

ଆନ୍ଧ୍ର ବେପାରୀଙ୍କ ଜାଲରେ ଫସିଗଲେ :

ଉଜୁଡ଼ିଲା ଜୀବିକା, ୪ ହଜାର ମତ୍ସ୍ୟଜୀବୀ ଏବେ ଦାଦନ

ଚିକିଟ,୨/୧(ନି/ପ୍ର): ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକ୍ ବଙ୍କୋପସାରର ଉପକୂଳବର୍ତ୍ତୀ ଇଲାକା ସୋରକ, ସୋନପୁର, ଜବୁଡ଼ି ଓ ଏକସିଙ୍ଗି ଫଂଚାୟତ । ଆବହମାନ କାଳରୁ ଏଠାକାର ଅଧିବାସୀ ସମୁଦ୍ରରୁ ମାଛ ମାରି ଜୀବିକା ନିର୍ବାହ କରିଆସୁଛନ୍ତି । ଏଥିପାଇଁ ଏହି ଇଲାକା ଗୁଡ଼ିକ ମତ୍ସ୍ୟଜୀବୀବହୁଳ ଫଂଚାୟତ ଭାବେ ସାରା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ଦିଆରି କରିଛି । ତେବେ ସମୟ ଚକ୍ରରେ ସୀମାନ୍ତ ଆନ୍ଧ୍ରପ୍ରଦେଶର ବେପାରୀମାନେ କୌଶଳ ଖଟାଇ ଏହି ନିରୀହ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡିକୁ

ଉଜାଡ଼ି ଦେଇଛନ୍ତି । ବିସ୍ତୀର୍ଣ୍ଣ ଲୁଣା ଜମିକୁ ଜବରଦଖଲ କରି ହାଇଟ୍ରିଡ୍ ଚିଙ୍ଗୁଡ଼ି ଚାଷର ବେଆଇନ ସାମ୍ରାଜ୍ୟ ବିସ୍ତାର କରିଛନ୍ତି । ସେମାନଙ୍କ ଦୌରାତ୍ମ୍ୟରେ ସ୍ଥାନୀୟ ମତ୍ସ୍ୟଜୀବୀ ନିଜ କେକିଳି ବୃତ୍ତିରୁ ଦୂରେଇଯାଇଛନ୍ତି । ଆଉ ୪ ଫଂଚାୟତର ବିଭିନ୍ନ ଗ୍ରାମରୁ ୪ରୁ ୫ହଜାର ଯୁବକ ବର୍ତ୍ତମାନ ଓଡ଼ିଶାର ଓ ରାଜ୍ୟ ବାହାରେ ଦାଦନ ଖଟୁଥିବା ଜଣାପଡ଼ିଛି । ଜୀବିକାର ସୁରକ୍ଷା ଓ ଆନ୍ଧ୍ର ବେପାରୀଙ୍କ ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଜାରି କରିବା ଲାଗି ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ, କୌଣସି ସୁଫଳ ମିଳୁନି । କେବଳ ପ୍ରତିଶ୍ରୁତି ମିଳିଛି । ଏହି ମତ୍ସ୍ୟଜୀବୀମାନେ ନିଜର ପାରମ୍ପରିକ ମାଛଚାଷ ଜରି ବେଶ୍ ଖୁସିରେ ଥିଲେ । ଲଲିଶି, ଖଇଜାଂ, ସୁବୁଜାଂ ଓ ମେକି ଭଳି ବିଭିନ୍ନ କିସମର ମାଛ ଧରି ଯାହା ବିକ୍ରି କରୁଥିଲେ ସେଥିରେ ଜଷ୍ଟେମଷ୍ଟେ ସେମାନଙ୍କ ପରିବାର ପ୍ରତିପୋଷଣ ହେଉଥିଲା । ୨୦୧୧ ଜନଗଣନା ଅନୁଯାୟୀ ସୋନପୁର ଫଂଚାୟତର ୫ ହଜାର ପରିବାର ମଧ୍ୟରୁ ୪ ହଜାର ପରିବାର ମାଛଚାଷ ଉପରେ ନିର୍ଭର କରୁଥିଲେ । ସେହିପରି ପାଡିସୋନପୁରର ୩୫୦୦ ପରିବାର ମଧ୍ୟରୁ ୨୦୦୦, ସୋରଜଳ ୯୦୦୦ ପରିବାର ମଧ୍ୟରୁ ୨୦୦୦, ଏକସିଙ୍ଗି ଫଂଚାୟତର ୩୦୦୦ ପରିବାର ମଧ୍ୟରୁ ୧୫୦୦ ଓ ଜବୁଡ଼ି ଫଂଚାୟତ ୫୦୦୦ ପରିବାର ମଧ୍ୟରୁ ୧୫୦୦ ପରିବାର ମାଛଚାଷକୁ ଏକମାତ୍ର ଜୀବିକା ଭାବେ ଗ୍ରହଣ କରୁଥିଲେ । ସେହିପରି ପ୍ରାୟ ୫୦୦ ଏକରରୁ ଅଧିକ ଜମିରେ ଚିଙ୍ଗୁଡ଼ି ଚାଷ ମଧ୍ୟ ହେଉଥିଲା । ଅର୍ଥାତ ୨୦ ପ୍ରତିଶତ ଇଲାକାରେ ମତ୍ସ୍ୟଜୀବୀମାନେ ଚିଙ୍ଗୁଡ଼ି ଘେରିରେ ଗୋବର, ତୂନ ଓ ଶୁଖିଆ ଗୁଣ୍ଡି ଆଦି ପକାଇ ପାରମ୍ପରିକ ପଦ୍ଧତିରେ ଚିଙ୍ଗୁଡ଼ି ଚାଷ କରୁଥିଲେ । ବର୍ତ୍ତମାନ ଆନ୍ଧ୍ର ବେପାରୀ ସେମାନଙ୍କ ଇଲାକା ଉପରେ ଲୋଭୁପ ଦୃଷ୍ଟି ପକାଇଛନ୍ତି । ବାଗଦା, ମାରଣୀ ଓ ଙ୍କଳାକ ଆଦି ଜନ୍ମନ୍ତମାନର ହାଇବ୍ରିଡ୍ ଚିଙ୍ଗୁଡ଼ି ଚାଷ କରିବାରୁ ମତ୍ସ୍ୟଜୀବୀଙ୍କ ପାରମ୍ପରିକ ଚାଷ ଉଜୁଡ଼ିଯାଇଛି । ଅଧିକ ଅମଳ ପାଇଁ ଚିଙ୍ଗୁଡ଼ି ଘେରିରେ ସାର ପ୍ରୟୋଗ ହେଉଛି । ବୃଷ୍ଟି ପାଣିକୁ ନଦୀକୁ ଛଡ଼ାଯାଉଛି । ଯାହାଫଳରେ ମାଛଚାଷର ଅନୁଡ଼ିଶାଳ ପାଲଟିଥିବା ଚିଲିକାରେ ଏହି ବୃଷ୍ଟି ପାଣି ମିଶି ବିଭିନ୍ନ ପ୍ରକାରିର ମାଛଙ୍କ ଜୀବନ ପ୍ରତି ବିପଦର ସୃଷ୍ଟି କରିଥିଲା । ଫଳରେ ପାଖାପାଖି ୫୦ହଜାର ମତ୍ସ୍ୟଜୀବୀଙ୍କ ଜୀବିକା ସଂକଟରେ ପଡ଼ିଛି । ସେମାନଙ୍କ ପରିବାରରୁ ୪୦୦୦ରୁ ୫୦୦୦ ଯୁବକ ଏବେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି । ଏଭଳି ସ୍ଥିତି ଜାରି ରହିଲେ ମତ

ରାଉରକେଲା ହେବ ଆଇଟି ହବ୍

୨୫୦ କୋଟି ଟଙ୍କା ମଞ୍ଜୁର

ରାଉରକେଲା, ୨/୧ (ନି/ପ୍ର): କ୍ରୀଡ଼ା ହବ୍ ପରେ ରାଉରକେଲା ହେବାକୁ ଯାଉଛି ଆଇଟି ହବ୍। ଏଥିପାଇଁ ରାଜ୍ୟ ସରକାର ୨୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେକ୍ଟର-୫ ପାଟ୍ରନିବାସ ପାର୍ଶ୍ୱସ୍ଥ ପ୍ରାୟ ୩ ଏକର ଜାଗାରେ ୧୧ ମହଲା ବିଶିଷ୍ଟ ବିଲ୍‌ଡିଂ ନିର୍ମାଣ ହେବାକୁ ଯାଉଛି। ଇଜ୍ ?କୋ ଏହି ବିଲ୍ ?ଡିଂ ନିର୍ମାଣ କରିବ ବୋଲି ଜଣାପଡ଼ିଛି। ରାଜ୍ୟ ବାହାରକୁ ନିଯୁକ୍ତ ପାଇଁ ଯାଉଥିବା ଟେକ୍ନିକାଲ୍ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିବ। ପୂର୍ତ୍ତାଙ୍ଗ ବିବରଣୀ ପ୍ରସ୍ତୁତ କରିବାକୁ ଇଜ୍ ?ବୋଡ ଏକ ଜଏ ?ସଲ୍ ?ଟାନ୍ସି କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଟେକ୍ନିକାଲ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ସହରବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। କେବେ ନିର୍ମାଣ କାମ ଆରମ୍ଭ ହେବ ? କେବେ ସରିବ ସେ ବିଷୟରେ କିଛି ସ୍ପଷ୍ଟ ହୋଇନି।ଉଲ୍ଲେଖଯୋଗ୍ୟ, ପୂର୍ବରୁ ସେକ୍ଟର-୫ରେ ଏସ୍‌ଟିପିଆଇ (ସଫ୍ଟୱେର ଟେକ୍ନିଲୋଜି ପାର୍କ ଅଫ୍ ଇଣ୍ଡିଆ) ରହିଛି। ଏହି ପାର୍କରେ ଯେମିତି ଚାଲିବା କଥା, ତା' ଚାଲୁ ନଥିବା ଅଭିଯୋଗ ହେଉଛି। ଏବେ ଏସ୍‌ଟିପିଆଇର ବିକାଶ ହେଉଛି। ତେବେ ଆଗାମୀ ଦିନରେ ଉଭୟ ଏସ୍ ?ଟିପିଆଇ ଓ ପାଟ୍ରନିବାସ ପାର୍ଶ୍ୱରେ ହେବାକୁ ଯାଉଥିବା ଆଇଟି ସେକ୍ଟର ଜିଲ୍ଲାର ଟେକ୍ନିକାଲ ଛାତ୍ରଛାତ୍ରୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାରେ ବେଶେ ସହାୟକ ହେବଛି, ତା' ଉପରେ ସମସ୍ତଙ୍କ ନଜର ରହିଛି।

ଡାଇରିଆ ସ୍ଥିତି ଅନୁଧ୍ୟାନ ପାଇଁ ୫ ଜଣିଆ କେନ୍ଦ୍ରୀୟ ଡ଼ାକ୍ତରୀ ଏବଂ ବିଶେଷଜ୍ଞ ଦଳ ପହଂଚିଲେ

ରାଉରକେଲା, ୨/୧ (ନି/ପ୍ର):ରାଉରକେଲାରେ ଗତ ଡିସେମ୍ବର ୧୦ ତାରିଖରୁ ବ୍ୟପିଥିବା ଡାଇରିଆ ସ୍ଥିତି ଅନୁଧ୍ୟାନ ପାଇଁ ୫ ଜଣିଆ କେନ୍ଦ୍ରୀୟ ଡ଼ାକ୍ତରୀ ଏବଂ ବିଶେଷଜ୍ଞ ଦଳ ରାଉରକେଲାରେ ପହଂଚି ଦେଖା ପଡାଇଛନ୍ତି। ଦୁତୀୟ ଦିନରେ ଏହି ଦଳ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଡକ୍ଟର ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଥିଲେ। ମହାନଗର ନିଗମ ସମ୍ମିଳନୀ କକ୍ଷରେ ଡାଇରିଆ ସ୍ଥିତିର ସମୀକ୍ଷା କରିଥିଲେ। ଏହା ପୂର୍ବରୁ କେନ୍ଦ୍ରୀୟ ଟିମ୍ ରାଉରକେଲା ସରକାରୀ ହସ୍ପିଟାଲ ପରିଦର୍ଶନ କରି ଡାଇରିଆ ସ୍ଥିତି ସମ୍ପର୍କରେ ବରିଷ୍ଠ ଡାକ୍ତର ମାନଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ଏହି ଟିମ୍ ସହରର ବିଭିନ୍ନ ସ୍ଥାନ କୁ ଯାଇ ଡାଇରିଆ ବ୍ୟାପିବାର କାରଣ ସମ୍ପର୍କରେ ଅନୁଧ୍ୟାନ କରିବେ। ଗତକାଲି କେନ୍ଦ୍ରୀୟ ଟିମ୍ ର ୩ ଜଣ ସଦସ୍ୟ ପହଂଚି ଥିଲେ। ଆଜି ଆଉ ଦୁଇ ଜଣ ସଦସ୍ୟ ପହଂଚିବା ପରେ ବିଭିନ୍ନ ସ୍ଥାନରେ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। ହଜା ନିରାକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ସହାୟତା ଯୋଗାଇ ଦେବାକୁ ଏହି ଟିମ୍ ଆସିଥିବା କୁହା ଯାଉଛି।

ନୂତନ ବର୍ଷ ଅବସରରେ ବ୍ରାହ୍ମଣୀ କ୍ଲବର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ

ରାଉରକେଲା, ୨/୧ (ନି/ପ୍ର): ଙ୍କରାଙ୍କୀ ନୂତନ ବର୍ଷ ଅବସରରେ ରାଉରକେଲା ସହର ସମେତ ଲଗାତ ସହରାଞ୍ଚଳର ଅନେକ କ୍ଲବ ଏବଂ ରେଷ୍ଟୁରାଂଟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପାନପୋଷ ବ୍ରାହ୍ମଣୀ କ୍ଲବ ପରିସରରେ ଜିରୋ ନାଇଟ୍ ସେଲିବ୍ରେସନକୁ ନେଇ ଆୟୋଜନ କମିଟି ଦ୍ୱାରା ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାହାରୁ ଆସିଥିବା ଗାୟକ ଓ ସଂଗୀତକାରଙ୍କ ଦ୍ୱାରା ଗୋଟିଏ ପରେ ଗୋଟିଏ ଗୀତ ଏବଂ ବିଭିନ୍ନ ରଙ୍ଗୀନ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟା ୮ଟାରୁ ବିକଶିତ ରାତି ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ରାଉରକେଲା ସମେତ ଆଖପାଖ ଅଂଚଳର କ୍ଲବ ସଦସ୍ୟମାଣ ପରିବାର ସହିତ ଏହି କାର୍ଯ୍ୟକ୍ରମର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ମଧ୍ୟରେ ଓଡିଶାର ଶ୍ରମ ଓ ଇଏସ୍‌ଆଇ ବିଭାଗ ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ହକି ଲଣ୍ଡିଆର ପୂର୍ବତନ ଅଧିନାୟକ ଦିଲୀପ ତିର୍କି, ରଘୁନାଥପାଲୀ ବିଧାୟକ ସୁଭ୍ରତ ଚରାଣ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ପଣ୍ଡିମାଙ୍ଗଡ ଦିଆଇଜି ନୀତି ଶେଖର ଏବଂ ବ୍ରାହ୍ମଣୀ କ୍ଲବ ସଚିବ ସୁବ୍ରତ ପଟ୍ଟନାୟକ ଏବଂ ଅନ୍ୟ କ୍ଲବ ଅଧିକାରୀମାନେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜଣକ ପରେ ଜଣେ ଗୀତ ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ପଦାଧିକାରୀ ଏବଂ ସଦସ୍ୟମାନେ ପରିବାର ସହିତ କାର୍ଯ୍ୟକ୍ରମର ମଜା ନେଇଥିଲେ। ସେହିଭଳି ସହରର ଅନେକ ରେଷ୍ଟୁରାଂଟ ଏବଂ ହୋଟେଲ ସମେତ ରାଉରକେଲା କ୍ଲବ, ଇଣ୍ଡୋ ଜର୍ମାନ କ୍ଲବ ନୂତନ ବର୍ଷ ୨୦୨୪କୁ ନେଇ ରଙ୍ଗାରଙ୍ଗ ଜିରୋ ନାଇଟ୍ ସେଲିବ୍ରେସନ ଆୟୋଜିତ ହୋଇଥିଲା।

ପାରିବାରିକ କଳହକୁ କେନ୍ଦ୍ର କରି ବଡ଼ଭାଇର ଗୁଳିମାଡ଼ରେ ସାନ ଭାଇ ମୃତ

ରାଉରକେଲା, ୨/୧(ନି/ପ୍ର) : ଗତକାଲି ଲୋଭିଭାତ ଚାଲିଥିବା ବେଳେ କଥା କଟାକଟିକୁ ନେଇ ଗୁଳି ଫୁଟିଛି। ବଡ଼ଭାଇର ଗୁଳିମାଡ଼ରେ ସାନଭାଇର ମୃତ୍ୟୁ ହୋଇଛି। ମୃତକ ହେଲେ ତେତେରେଲୋର କ୍ଷୀରୋଧର ସିଂହ (୨୬)। ପାରିବାରିକ କଳହକୁ କେନ୍ଦ୍ର କରି ଗୁଳିକାଣ୍ଡ ଘଟିଥିବା କୁହାଯାଉଛି। ବିଣ୍ଡା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ପଠାଇଛି। ଏହି ଘଟଣାରେ ପୁଲିସ ଚାଳିଶଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ବିଣ୍ଡା ଥାନା ଅନ୍ତର୍ଗତ ତେତେରେଲୋ ଛକରେ ମୃତ କ୍ଷୀରୋଧର ସିଂହ ଓ ତାର କିଛି ସାଙ୍ଗ ମିଶି ଲୋଭିଭାତ କରୁଥିଲେ। ପରିବାରର ପୂର୍ବ କଥାକୁ ନେଇ କ୍ଷୀରୋଧର ସିଂହ ଓ ତାଙ୍କ ବଡ଼ଭାଇ ଉମେଶ ସିଂହଙ୍କ ମଧ୍ୟରେ ପାତିଦୁଷ୍ଟ ହୋଇଥିଲା। ହଠାତ ବଡ଼ଭାଇ ପକେଟ ବନ୍ଧୁକ ବାହାର କରି ସାନଭାଇ ଉପରକୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ହିଁ କ୍ଷୀରୋଧରର ମୃତ୍ୟୁ ହୋଇ ଯାଇଥିଲା। ଘଟଣା ରାତି ପ୍ରାୟ ସାଢ଼େ ଆଠଟାରେ ହୋଇଥିଲେ ହେଁ, ଦୁଇଘଟାଂ ପରେ ପୁଲିସ ସୂଚନା ପାଇଥିଲା। ଏହି ଘଟଣାରେ ବିଣ୍ଡା ପୁଲିସ ବଡ଼ ଭାଇ ଉମେଶ ସିଂହ ଓ ବାଲିଘାଟ ଠିକାଦାର ଭରତ ମାହାତୋ ଓ ଅନ୍ୟ ଦୁଇ ଜଣଙ୍କୁ ଅଟକ ରଖିଛି।

କନିକା ପ୍ରଜା ଆନ୍ଦୋଳନ ପାଇଁ ବିପ୍ଳବୀ ଚକ୍ରଧରଙ୍କ ଜୀବନ ସମର୍ପିତ ଥିଲା

ଭୁବନେଶ୍ୱର, ୨/୧ (ନି/ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କନିକା ପ୍ରଜାମଞ୍ଚଙ୍କ ଆନ୍ଦୋଳନ ନେତା ବିପ୍ଳବୀ ଚକ୍ରଧର ବେହେରାଙ୍କ ୫୧ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଭବନ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କଲାପରେ ଶିକ୍ଷାବିତ କାମଦେବ ମହାପାତ୍ର ଜୀବନୀ ଆବୃତ୍ତି କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ସମ୍ବାଦକାର, ସୁଲେଖକ ଡକ୍ଟର ଗୌରହରି ଦାସ, ବିଜେଡି ସାଂସ୍କୃତିକ ସମନ୍ୱୟ ସାଂସ୍କୃତ୍ୟର ରାଜ୍ୟ ଆବାହକ ରବି ନାରାୟଣ ନନ୍ଦ, ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାଢାଜସିଂହ, ଡକ୍ଟର ରଙ୍ଗାଧର ସାହୁ, ଗୋପବନ୍ଧୁ ପ୍ରେମୀ ସଂଜୟ କୁମାର ପରିଡ଼ା, ସାମାଜିକ କର୍ମୀ ସନାତନ ବେହେରା, ଲକ୍ଷ୍ମୀଧର ମହାଲୋଇ, ସର୍ବଭାରତୀୟ ଯାଦବ ମହାସଭାର ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷାବିତ ଡକ୍ଟର ନରେନ୍ଦ୍ରନାଥ ମିଶ୍ର, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ହାଡ଼ିବନ୍ଧୁ ବେଉଣିଆ, ପୂର୍ବତନ ଜର୍ପୋରେଟର ସଂଯୁକ୍ତା ମହାନ୍ତି, ସ୍ୱର୍ଗତ ବେହେରାଙ୍କ ଆତ୍ମୀୟ ସ୍ୱଜନ ବୀରେନ୍ଦ୍ର କୁମାର ମହାନ୍ତ, ସୁଲୋଚନା ମାହୁନ୍ତ, ପ୍ରତାପ ନାୟକ, ସୁରେନ୍ଦ୍ର କୁମାର ମାହୁନ୍ତ, ସ୍ୱପ୍ନଶ୍ରୀ ମାହୁନ୍ତ, ଦିଲିପ କୁମାର ଦାସ, ମଞ୍ଜୁଶ୍ରୀ ଦାସ, ସବିତା ମହାପାତ୍ର, ବିଜାଗର ଉପଶାସନ ସଚିବ ମାଧୁଆସ୍ ତିର୍କି, ଜୟ ଓଡ଼ିଶା ସଭ୍ୟବୃନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ଦେଶ ସ୍ୱାଧୀନତା ପୂର୍ବରୁ ବ୍ରିଟିଶ୍ ସରକାରଙ୍କ ଅଧିନରେ ଥିବା ରାଜା ଓ ଜମିଦାରମାନେ ପ୍ରଜାଙ୍କଠାରୁ କର ଆଦାୟ କରି ବ୍ରିଟିଶ୍ ତରଫରୁ ଶାସନ କାର୍ଯ୍ୟ ସମ୍ପାଦନ କରୁଥିଲେ। ବହୁ ରାଜା ଓ ଜମିଦାରମାନେ ପ୍ରଜା ଶୋଷଣ କରିବା ସହ ପ୍ରଜାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ତନ୍ମଧ୍ୟରୁ କନିକା ଥିଲା ଅନ୍ୟତମ। କନିକାର ପ୍ରଜା ଶୋଷଣ ଘଟଣା ସମଗ୍ର ଭାରତ ବର୍ଷରେ ଚହଳ ପଡାଇଥିଲା। ଏହି ଘଟଣାରେ ଜାତୀୟ ପିତା ମହାତ୍ମା ଗାନ୍ଧୀ ପ୍ରଜାଙ୍କୁ ଅତ୍ୟାଚାରରୁ ମୁକ୍ତି ଦେବାପାଇଁ ଜଳଜମାଣି ଗୋପବନ୍ଧୁ ଦାସଙ୍କୁ କନିକା ପଠାଇଥିଲେ ଏବଂ

ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

ଟେଣ୍ଡର ବିଜ୍ଞପ୍ତି

ନଂ.୫୩୦୮ ତା.୨୯.୧୨.୨୦୨୩

ବରଗଡ଼ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡ଼ିଆରେ ମୀନାବଜାର, ଦୋଳି,ଝୁଲା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ତଥା ପାରକିଙ୍ଗ୍ ଇତ୍ୟାଦି ପାଇଁ ଅନ୍ୟାନ୍ୟ ଉପଯୋଗୀ ପଡ଼ିଆ ଗୁଡ଼ିକ ଟେଣ୍ଡର ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତି ମାନଙ୍କୁ ସର୍ତ୍ତାବଳୀ ସହ ଯୋଗାଇ ଦିଆଯିବ।

ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧.୦୦ ଘଟିକା ରୁ ଅପରାହ୍ନ ୦୪.୦୦ ଘଟିକା ସୁଦ୍ଧା) ୦୧.୦୧.୨୦୨୪ ଠାରୁ ତା. ୦୪.୦୧.୨୦୨୪ (ଛୁଟିଦିନ ବ୍ୟତିତ) ଟ.୫୦୦୦.୦୦(ପାଂଚ ହଜାର ଟଙ୍କା ମାତ୍ର)/ [ପାର୍କିଂ ପାଇଁ ଟ.୩୦୦୦.୦୦ (ତିନି ହଜାର ଟଙ୍କା ମାତ୍ର)] ବିନିମୟରେ ଟେଣ୍ଡର ଜାଗଜପତ୍ର ଯୋଗାଇ ଦିଆଯିବ। ଇଚ୍ଛୁକ ନିଲାମଧାରୀମାନେ ସଂପୃକ୍ତ ସ୍ଥାନମାନଙ୍କର ପ୍ରସ୍ତୁତ ନକ୍ସା,ସ୍ଥାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ।

ଉକ୍ତ ଟେଣ୍ଡର ଜାଗଜପତ୍ର, ନିଜର ସର୍ବୋଚ୍ଚ ଡାକ ମୂଲ୍ୟ ସହ ପୂରଣ କରି , ଏକ ଇଜମୁଦ ଲଫାପାରେ ପୂରାଇ ତା. ୦୧.୦୧.୨୦୨୪ ଠାରୁ ତା. ୦୫.୦୧.୨୦୨୪ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ପକାଇବେ। ତାହା ସମସ୍ତଙ୍କ ଉପସ୍ଥିତିରେ ତା. ୦୫.୦୧.୨୦୨୪ରିଖ ଅପରାହ୍ନ ୨.୩୦ ଘଟିକା ସମୟରେ ଖୋଲାଯାଇ ନିୟମାନୁଯାୟୀ ତୁଲି ସଂପାଦନ କରାଯିବ। ଯଦି ଉକ୍ତ ଦିନ ଏହି ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ତ ହୋଇପାରିବ ନାହିଁ ତେବେ, ଦ୍ୱିତୀୟ ଦିବସ ତା. ୦୮.୦୧.୨୦୨୪ ଅପରାହ୍ନ ୫.୦୦ ଘଟିକା ସମୟରେ ଏହି ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ତ କରାଯିବ ଏବଂ ସେହିଦିନ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ଟେଣ୍ଡର ଫର୍ମ ନିର୍ଦ୍ଦିଷ୍ଟ ବାକ୍ସରେ ଦାଖଲ କରିପାରିବେ। ପ୍ରକାଶ ଥାଉଜି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଡାକ ମୂଲ୍ୟକୁ ଜିମ୍ମା ସଂପୂର୍ଣ୍ଣ ଟେଣ୍ଡର କୁ ରଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି। ସବିଶେଷ ବିବରଣୀ ଜିଲ୍ଲା Website-http://baragarh.nic.in ରେ ମଧ୍ୟ ଉପଲବ୍ଧ ହେବ।

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆଂଦୋଳନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

ମନୋହରପୁର ଗ୍ରାମରେ ବନ୍ଧୁମିଳନ

ରାଉରକେଲା, ୨/୧ (ନି/ପ୍ର): ସୁନ୍ଦରଗଡ ଜିଲ୍ଲାର ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଳବାହାଲ ପଂଚାୟତର ମନୋହରପୁର ଗ୍ରାମରେ ନବବର୍ଷ ଉପଲକ୍ଷେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗ୍ରାମର ଗୌରିଆ ମନମୋହନ ନାଏକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ପଂଚାୟତ ସମିତି ଅଧ୍ୟକ୍ଷା ଦୁଲାରୀ ସୋରେଙ୍କ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକତା ର ବାର୍ତ୍ତା ଦେବା ସହ ସମସ୍ତଙ୍କ ମଧ୍ୟରେ ଐକ୍ୟ ବଢ଼ାଇ, ଭାଇଚାରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏଥି ସହିତ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଧର୍ମ, ବର୍ଣ୍ଣ,ଜାତି ନିର୍ବିଶେଷରେ ସମସ୍ତ ବର୍ଗର ଜନସାଧାରଣ ଅଂଶଗ୍ରହଣ କରିଥିବା ବେଳେ ଗୁଣବନ୍ତ ନାୟକ,ଜୟାନନ୍ଦ ବିଶ୍ୱାଳ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯୁଧିଷ୍ଠିର ସରଲିଆ , ଗୋପିନାଥ ଭଇଂସା , ଗୀତାଞ୍ଜଳି

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
ROURKELA IRRIGATION DIVISION,ROURKELA
email Id :- seriddkl@gmail.com

A-1125

e-PROCUREMENT NOTICE

BID IDENTIFICATION NO. SERID-RKL-13/2023-24 DT.01.01.2024

The Superintending Engineer, Rourkela Irrigation Division, Rourkela on behalf of Governor of Odisha invites Percentage Rate Bid in single cover system to be received in online mode from the eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD work as detailed below:

1.	Nature of Work	:	FLOOD WORKS
2.	Total Number of works	:	01(One) Ko
3.	Bid Identification No.	:	SERID-RKL-13/2023-24 (Online)
4.	Estimated Cost	:	Rs.26.64 lakh
5.	Class of Contractor	:	Referred to DTCN
6.	Cost of Tender Paper	:	Referred to DTCN (Non Refundable)
7.	Earnest Money Deposit	:	Referred to DTCN (Refundable)
8.	Period of completion	:	Referred to DTCN
9.	Date & time of Availability of Bid documents in the portal	:	From dt 05.01.2024 at 10.00 A.M to dt. 16.01.2024 up to 05.00 P.M.
10.	Last Date / time for receipt of bids in the portal	:	Dt. 16.01.2024 at 05.00 P.M
11.	Date and time of Opening of Bids	:	Dt17.01.2024 at 11.30 hours
12.	Last date & time of seeking of clarification	:	Dt 12.01.2024 at 5.00 P.M
13.	Place of Opening	:	Office of the Superintending Engineer, Rourkela Irrigation Division, Rourkela.
14.	Name and Address of the Officer Inviting Bid	:	Superintending Engineer, Rourkela Irrigation Division, Rourkela.

The bidders have to participate in ONLINE bidding only. As Goods & Service Tax (GST) has Come into force with effective from 01.07.2017.

Further details can be seen from the Govt. web site www.tendersorissa.gov.in.

SUPERINTENDING ENGINEER
ROURKELA IRRIGATION DIVISION
ROURKELA

OIPR- 32018/11/0016/2324

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ: ବଣାଇଁ ବନଖଣ୍ଡ
OFFICE OF THE DIVISIONAL FOREST OFFICER: BONAI FOREST DIVISION.
Phone No – 06626-244454 E-mail At- dfo.bonai@odisha.gov.in
Memo No 1064 /IFDt 30.12 2023

MM-399

INVITATION FOR BIDS

Bid Identification No 4 Online

The Divisional Forest Officer, Bonai on behalf of Governor of Odisha invites percentage rate bids in single cover system in ONLINE MODE

1.	Nature of work	:	Creation of Water Body
2.	No. of Works	:	3 (Three) Nos.
3.	Bid Cost	:	Rs.2,000/-
4.	Estimated Cost	:	Rs.5.09 lakhs (Excluding GST)
5.	Class of Contractor	:	"D" Class, "C" Class
6.	Date & Time of availability of the Tender documents	:	3rd January 2024 to 11th January 2024 up to 5.30 P.M.
7.	Last date & time of receipt of bids in portal	:	11th January 2024 up to 5.30 P.M.
8	Date of opening of Bid	:	12th January 2024 at 11.00 A.M.
9.	The bidders have to participate in ONLINE bidding only. Further details can be seen from the website: https://tendersodisha.gov.in Any addendum/corrigendum/ cancellation of tender can also be seen in the said website only.		

OIPR- 08040/11/0012/2324

Divisional Forest Officer,
Bonai Division.